# 2011-12 ଆର୍ଥିକ ବର୍ଷ ପାଇଁ ଗ୍ରୀଡ୍‌କୋର ପର୍ଯ୍ୟାପ୍ତ ଯୋଗାଣ ମୂଲ୍ୟ ନିର୍ଦ୍ଦେଶର ପ୍ରମୁଖ ବୈଶିଷ୍ଟ୍ୟ (ମାମଲା ନଂ.144/2010 ତା.18.3.2011)

**1. ବିଦ୍ୟୁତ ଚାହିଦା ଆକଳନ :**

- ଡିସ୍କମ୍‌ମାନଙ୍କ ପାଇଁ 2011-12 ବର୍ଷର ଅନୁମୋଦିତ ସର୍ବାଧିକ ଏକକାଳୀନ ଚାହିଦା ହେଉଛି 3648.00 ଏମ୍‌ଭିଏ

(ଏମ୍‌ଭିଏ ଆକାରରେ)

| ଡିସ୍କମମାନଙ୍କ ନାମ | 2010-11 ପାଇଁ ଅନୁମୋଦିତ ସର୍ବାଧିକ ଏକକାଳୀନ ଚାହିଦା | 2011-12 ପାଇଁ ଅନୁମୋଦିତ ସର୍ବାଧିକ ଏକକାଳୀନ ଦାବି |
|---|---|---|
| ସେସୁ | 972.00 | 1237.00 |
| ନେସ୍କୋ | 730.00 | 846.00 |
| ୱେସ୍କୋ | 971.00 | 1133.00 |
| ସାଉଥ୍‌କୋ | 377.00 | 432.00 |
| ମୋଟ | **3050.00** | **3648.00** |

- **2011-12** ପାଇଁ ଏସ୍‌ଏମ୍‌ଡି **3648** ଏମ୍‌ଭିଏରେ ଧାର୍ଯ୍ୟ କରାଯାଇଛି, ଯାହା ମଧ୍ୟରେ ଡିସ୍କମ୍‌ମାନେ ସର୍ବାଧିକ **10%** ଅଧିକ ଉଠାଇପାରିବେ । ବିହିତ ଚାହିଦାଠାରୁ ଅଧିକ ଉଠାଣ ପାଇଁ ଶାସ୍ତିର ବ୍ୟବସ୍ଥା ରହିଛି ।

**2. ବିଦ୍ୟୁତ ସରବରାହ ଜନିତ କ୍ଷତି :**

ଘୂରାଇବା ବାବଦ ସରବରାହ ଜନିତ କ୍ଷତି 2009-10 ବର୍ଷରେ 4% ଥିବାସ୍ଥଳେ 2011-12 ବର୍ଷ ପାଇଁ 3.90% ନିର୍ଦ୍ଧାରିତ ହୋଇଛି ।

**3. ଶକ୍ତି ବିକ୍ରୟ :**

- କ୍ରୟ କରାଯାଇଥିବା 23489.18 ଏମ୍‌ୟୁ ମଧ୍ୟରୁ ଗ୍ରୀଡ୍‌କୋ 22477 ଏମ୍‌ୟୁ ଡିସ୍କମ୍‌ମାନଙ୍କୁ ଓ 100 ଏମ୍‌ୟୁ ସିଜିପିମାନଙ୍କୁ ବିକ୍ରୟ କରିଛି । ବାକି 912.18 ଏମ୍‌ୟୁ ଡିସ୍କମ୍‌ମାନଙ୍କ କ୍ରୟ ଉପରେ ସରବରାହ ଜନିତ କ୍ଷତି ବାବଦକୁ ଯାଇଛି ।

## 2011-12 ଆର୍ଥିକ ବର୍ଷରେ ରାଜ୍ୟ ବ୍ୟବହାର ପାଇଁ ଗ୍ରୀଡ୍‌କୋ କ୍ରୟ କରିଥିବା ବିଦ୍ୟୁତ

(ଅଙ୍କ ଏମ୍‌ୟୁରେ)

| ଡିସ୍‌କମ୍‌ମାନଙ୍କ ନାମ | 2010-11 ପାଇଁ ଆୟୋଗଙ୍କ ଅନୁମୋଦନ | 2011-12ରେ ବାର୍ଷିକ ରାଜସ୍ୱ ଆବଶ୍ୟକତା ସମ୍ବନ୍ଧରେ ଗ୍ରୀଡ୍‌କୋର ପ୍ରସ୍ତାବ | 2011-12 ପାଇଁ ଆୟୋଗଙ୍କ ଅନୁମୋଦନ |
|---|---|---|---|
| ସସୁ | 6420.00 | 7722.20 | 7791.00 |
| ନେସ୍କୋ | 5122.00 | 5465.00 | 5323.00 |
| ୱେସ୍କୋ | 6244.00 | 6720.00 | 6630.00 |
| ସାଉଥ୍‌କୋ | 2368.00 | 2848.00 | 2733.00 |
| **ମୋଟ ଡିସ୍‌କମ୍** | **20154.00** | **22755.20** | **22477.00** |
| ସିଜିପି | 10.00 | 10.00 | 100.00 |
| **ମୋଟ ବିକ୍ରୟ** | **20164.00** | **22765.20** | **22577.00** |
| ଏମ୍‌ୟୁରେ ଇଏଚ୍‌ଟିଠାରେ ସରବରାହ ଜନିତ କ୍ଷତି (ଡିସ୍‌କମ୍‌ମାନଙ୍କ କ୍ରୟରେ କେବଳ) | 839.75 (4.0% ହାରରେ ସରବରାହ ଜନିତ କ୍ଷତି) | 923.87 (3.90% ହାରରେ ସରବରାହ ଜନିତ କ୍ଷତି) | 912.18 (3.90% ହାରରେ ସରବରାହ କ୍ଷତି) |
| **ମୋଟ କ୍ରୟ** | **21003.75** | **23689.07** | **23489.18** |


➢ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହାର ଅନୁସାରେ ସରବରାହ ଜନିତ କ୍ଷତିକୁ ଦୃଷ୍ଟିରେ ରଖି ଲାଇସେନ୍ସପ୍ରାପ୍ତ ବ୍ୟକ୍ତିମାନେ ସେମାନଙ୍କ ଉଠାଣକୁ ସୀମିତ ରଖିବା ଉଚିତ ।


## 4. ବିଦ୍ୟୁତ କ୍ରୟର ପରିମାଣ ଓ ତାହାର ମୂଲ୍ୟ :

2011-12 ବର୍ଷ ପାଇଁ ଗ୍ରୀଡ୍‌କୋ 4940.30 କୋଟି ଟଙ୍କାର 23489.16 ଏମ୍‌ୟୁ ବିଦ୍ୟୁତ କ୍ରୟ କରିଛି । 2010-11 ବର୍ଷ ପାଇଁ ବିଦ୍ୟୁତ କ୍ରୟର ପରିମାଣ ଓ ତାହାର ମୂଲ୍ୟ ଯଥାକ୍ରମେ 21003.75 ଏମ୍‌ୟୁ ଏବଂ 3666.85 କୋଟି ଟଙ୍କା ଥିଲା । 2011-12 ଆର୍ଥିକ ବର୍ଷର ହାରାହାରି ବିଦ୍ୟୁତ କ୍ରୟର ମୂଲ୍ୟ 231.65 ପ/ୟୁ, ଯାହା 2010-11 ଆର୍ଥିକ ବର୍ଷରେ 174.58 ପ/ୟୁ ଥିଲା । 2011-12ରେ ୟୁନିଟ ପ୍ରତି ହାରାହାରି ବିଦ୍ୟୁତ କ୍ରୟ ମୂଲ୍ୟ ୟୁନିଟ ପିଛା 57.07 ପଇସା ବୃଦ୍ଧି ପାଇଛି ।

## ବିଦ୍ୟୁତ କ୍ରୟର ପରିମାଣ ଓ ତାହାର ମୂଲ୍ୟ

| | ୨୦୧୦-୧୧ ପାଇଁ ଆୟୋଗଙ୍କ ଅନୁମୋଦନ | | | ୨୦୧୧-୧୨ ପାଇଁ ଆୟୋଗଙ୍କ ଅନୁମୋଦନ | | |
|---|---|---|---|---|---|---|
| ଉତ୍ପାଦନକାରୀ | ବିଦ୍ୟୁତ ଏମ୍‌ୟୁ | ମୋଟ ଦର ପ/ୟୁ | ମୋଟ ମୂଲ୍ୟ କୋଟି ଟଙ୍କାରେ | ବିଦ୍ୟୁତ ଏମ୍‌ୟୁ | ମୋଟ ଦର ପ/ୟୁ | ମୋଟ ମୂଲ୍ୟ କୋଟି ଟଙ୍କାରେ |
| ଜଳ ବିଦ୍ୟୁତ (ପୁରୁଣା) | 3,676.86 | 58.49 | 215.06 | 3,676.86 | 63.15 | 232.19 |
| ଇନ୍ଦ୍ରାବତୀ | 1,942.38 | 75.59 | 146.82 | 1,942.38 | 77.21 | 149.97 |
| ମାଛକୁଣ୍ଡ | 262.50 | 21.95 | 5.76 | 262.50 | 22.06 | 5.79 |
| **ମୋଟ ଜଳ ବିଦ୍ୟୁତ** | **5,881.74** | **62.51** | **367.65** | **5,881.74** | **65.96** | **387.96** |
| ଓପିଜିସି | 2,853.53 | 149.04 | 425.30 | 2,892.49 | 179.22 | 518.39 |
| ଟିଟିପିଏସ୍ (ଏନଟିପିସି) | 2,957.32 | 171.38 | 506.84 | 2,957.32 | 180.50 | 533.80 |
| ଆଇପିପି | 646.23 | 243.54 | 157.38 | 3,357.12 | 275.00 | 923.21 |
| ସିଜିପି | 1,051.00 | 325.00 | 341.58 | 603.79 | 277.76 | 167.71 |
| ସହ-ଉତ୍ପାଦନକାରୀ ପ୍ଲାଣ୍ଟ | 529.00 | 330.00 | 174.57 | 512.46 | 275.00 | 140.93 |
| ଅଣପାରମ୍ପରିକ ଉତ୍ସମାନ | 300.00 | 305.00 | 91.50 | 300.00 | 320.32 | 96.10 |
| **ମୋଟ ରାଜ୍ୟ** | **14,218.82** | **145.22** | **2,064.81** | **16,504.92** | **167.71** | **2,768.08** |
| ଚୁଖା ଏଚ୍‌ପିଏସ୍ | 271.79 | 183.32 | 49.83 | 273.36 | 181.38 | 49.58 |
| ତାଲା ଏଚ୍‌ପିଏସ୍ | 145.17 | 209.12 | 30.36 | 143.16 | 206.97 | 29.63 |
| ଟିଷ୍ଟା ଏଚ୍‌ପିଏସ୍ | 507.19 | 186.42 | 94.55 | 511.32 | 172.17 | 88.03 |
| **ମୋଟ କେନ୍ଦ୍ରୀୟ ଜଳ ବିଦ୍ୟୁତ** | **924.16** | **189.07** | **174.73** | **927.84** | **180.25** | **167.24** |
| ଟିଏସ୍‌ଟିପିଏସ୍-I | 2,145.54 | 207.08 | 444.29 | 2,163.00 | 294.27 | 636.51 |
| ଟିଏସ୍‌ଟିପିଏସ୍-II | 1,349.39 | 216.01 | 291.48 | 1,360.38 | 301.56 | 410.23 |
| ଏଫ୍‌ଏସ୍‌ଟିପିଏସ୍ | 1,464.49 | 302.57 | 443.12 | 1,476.42 | 417.14 | 615.88 |
| କେଏଚ୍‌ଏସ୍‌ଟିପିଏସ୍-I | 840.63 | 275.32 | 231.44 | 847.47 | 318.82 | 270.19 |
| କେଏଚ୍‌ଏସ୍‌ଟିପିଏସ୍-II | 60.72 | 279.63 | 16.98 | 209.16 | 345.03 | 72.17 |
| **ମୋଟ କେନ୍ଦ୍ରୀୟ ତାପଜ** | **5,860.77** | **243.54** | **1,427.31** | **6,056.42** | **331.05** | **2004.97** |
| **ମୋଟ କେନ୍ଦ୍ରୀୟ ସେକ୍ଟର** | **6,784.93** | **236.12** | **1,602.04** | **6,984.26** | **311.02** | **2172.22** |
| **ମୋଟ ଗ୍ରୀଡ୍‌କୋ** | **21,003.75** | **174.58** | **3,666.85** | **23,489.18** | **210.32** | **4,940.30** |
| **ଟିପ୍ପଣୀ :-** | କେନ୍ଦ୍ରୀୟ ଷ୍ଟେସନମାନଙ୍କ ପାଇଁ 3.09% ହାରରେ କେନ୍ଦ୍ରୀୟ ସରବରାହ ଜନିତ କ୍ଷତି ଅନ୍ତର୍ଭୁକ୍ତ | | | କେନ୍ଦ୍ରୀୟ ଷ୍ଟେସନମାନଙ୍କ ପାଇଁ 2.30% ହାରରେ କେନ୍ଦ୍ରୀୟ ସରବରାହ ଜନିତ କ୍ଷତି ଅନ୍ତର୍ଭୁକ୍ତ | | |




**5. ଅଧିକ ପରିମାଣରେ ଯୋଗାଣ ବାବଦ ମୂଲ୍ୟ :**

ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଡିସ୍‌କମ୍ ଦ୍ୱାରା ଅଧିକ ପରିମାଣରେ ଯୋଗାଣ ମୂଲ୍ୟ ନିମ୍ନରେ ଦର୍ଶାଯାଇଛି :-

| ଡିସ୍‌କମମାନଙ୍କ ନାମ | **2009-10** ନିମନ୍ତେ ଅନୁମୋଦିତ ଅଧିକ ପରିମାଣରେ ଯୋଗାଣ ମୂଲ୍ୟ (ପ/ୟୁ) | **2010-11** ନିମନ୍ତେ ଅନୁମୋଦିତ ଅଧିକ ପରିମାଣରେ ଯୋଗାଣ ମୂଲ୍ୟ (ପ/ୟୁ) | **2011-12** ନିମନ୍ତେ ଅନୁମୋଦିତ ଅଧିକ ପରିମାଣରେ ଯୋଗାଣ ମୂଲ୍ୟ (ପ/ୟୁ) |
|---|---|---|---|
| ସେସୁ | 101.50 | 157.00 | 219.00 |
| ନେସ୍କୋ | 130.00 | 195.00 | 262.00 |
| ୱେସ୍କୋ | 154.00 | 194.00 | 262.00 |
| ସାଉଥ୍‌କୋ | 70.00 | 90.00 | 135.00 |
| ମୋଟ | **122.20** | **170.25** | **231.65** |

**6. ଅଧିକ ବିଦ୍ୟୁତ ଉଠାଣ ବାବଦ ଦେୟ :**

2011-12 ଆର୍ଥିକ ବର୍ଷ ନିମନ୍ତେ ଆର୍‌ଏସ୍‌ଟି ଆଦେଶରେ ଯାହା ଅନୁମୋଦିତ ହୋଇଛି ତା'ଠାରୁ ଅଧିକ ପରିମାଣର ବିଦ୍ୟୁତ ଯଦି କୌଣସି ବଣ୍ଟନ ଓ ଖୁଚୁରା ଯୋଗାଣ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉଠାଯାଇଥାଏ ତେବେ ସେପରି ସ୍ଥଳେ ଗ୍ରୀଡ୍‌କୋ ଦ୍ୱାରା ପ୍ରଦତ୍ତ ବିଲ୍‌ରେ ଯୁଆଇ ବାବଦ ଦେୟ ଥିଲେ ତହିଁରେ ଆବଶ୍ୟକ ପରିବର୍ତ୍ତନ ପ୍ରତି ସାପେକ୍ଷ ହୋଇ ବିଦ୍ୟୁତ କ୍ରୟ ବାବଦ ପ୍ରକୃତ ମୂଲ୍ୟ ସହିତ ବିଦ୍ୟୁତ ସରବରାହ ଦେୟ ଓ ବିଦ୍ୟୁତ ସରବରାହ ବାବଦ କ୍ଷତି ମିଶି ଯେଉଁ ପରିମାଣ ହେବ ତାହା ପ୍ରଦେୟ ହେବ ।

**7. ଚାହିଦାଠାରୁ ଅଧିକ ଉଠାଣ ବାବଦ ଦେୟ :**

2011-12 ଆର୍ଥିକ ବର୍ଷ ନିମନ୍ତେ ବଣ୍ଟନ କମ୍ପାନୀଗୁଡ଼ିକ ପାଇଁ ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡି ପର୍ଯ୍ୟନ୍ତ ସର୍ବାଧିକ ଚାହିଦା ବାବଦ ଦେୟ ପୃଥକ ଭାବରେ ଧାର୍ଯ୍ୟ କରାଯିବ ନାହିଁ । ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡି ଅର୍ଥ ପ୍ରଚଳିତ ଟାରିଫ୍ ଆଦେଶରେ ଅନୁମୋଦିତ ଏସ୍‌ଏମ୍‌ଡି ଉପରେ ସର୍ବାଧିକ ଶତକଡା 10 ହାରରେ ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡିଠାରୁ କୌଣସି ଅଧିକ ପରିମାଣ ଉଠାଇଲେ ମାସ ପ୍ରତି କେଭିଏ ପିଛା ଟ200/- ହାରରେ ଦେବାକୁ ପଡ଼ିବ । ପୁନଶ୍ଚ ଆଦେଶରେ ଯେଉଁ ପରିମାଣର ଏସ୍‌ଏମ୍‌ଡିକୁ ଅନୁମତି ଦିଆଯାଇଛି ବାର୍ଷିକ ହାରାହାରି ଏସ୍‌ଏମ୍‌ଡି ତାହା ମଧ୍ୟରେ ସୀମିତ ରହିବ । ବିଦ୍ୟୁତ ଭାର ଓ ପଦ୍ଧତିର ସ୍ଥାୟିତ୍ୱ ବଜାୟ ରଖିବାକୁ ଏହା ଆବଶ୍ୟକ । ବାର୍ଷିକ ହାରାହାରି ଏସ୍‌ଏମ୍‌ଡିଠାରୁ ଅଧିକ ପରିମାଣ ଉଠାଇଲେ ପ୍ରତିମାସରେ କେଭିଏ ପିଛା ଟ200/- ଦେବାକୁ ହେବ । ସେ ଯାହା ହେଉନା କାହିଁକି ଯେକୌଣସି ଅନୁମତିପ୍ରାପ୍ତ ଏସ୍‌ଏମ୍‌ଡିଠାରୁ ଅଧିକ ଉପଯୋଗ ପାଇଁ ଏସ୍‌ଏମ୍‌ଡି ବାବଦ ଦେୟ ପ୍ରଦାନ କରିବାକୁ ହେବ ।

**8. ରାଜସ୍ୱ ଆବଶ୍ୟକତା ଓ ତଫାତ୍ (ଗ୍ୟାପ) :**

2011-12 ଆର୍ଥିକ ବର୍ଷ ନିମନ୍ତେ ଗ୍ରୀଡ୍‌କୋର ରାଜସ୍ୱ ଆବଶ୍ୟକତା ଲାଗି ଟ6016.92 କୋଟି ଅଟକଳ କରାଯାଇଥିବା ବେଳେ 2010-11 ଆର୍ଥିକ ବର୍ଷ ନିମନ୍ତେ ଟ4242.44 କୋଟି ଟଙ୍କା ଅନୁମୋଦନ କରାଯାଇଥିଲା । 2011-12 ଆର୍ଥିକ ବର୍ଷ ନିମନ୍ତେ ଡିସ୍‌କମ୍‌ସଠାରୁ ମିଳିବାକୁଥିବା ରାଜସ୍ୱ ଓ ବିବିଧ ପ୍ରାପ୍ତି ବାବଦକୁ ଯଥାକ୍ରମେ ଟ5206.87 କୋଟି ଓ ଟ64.00 କୋଟି ଟଙ୍କା ଅଟକଳ କରାଯାଇଛି । ଉପରେ ଦର୍ଶାଯାଇଥିବା ରାଜସ୍ୱ ଆବଶ୍ୟକତା ପୂରଣ ହୋଇଗଲାପରେ 2011-12 ଆର୍ଥିକ ବର୍ଷ ନିମନ୍ତେ ଗ୍ରୀଡ୍‌କୋର ଟ746.05 କୋଟି ଟଙ୍କା ନିଅଣ୍ଟ ପଡ଼ିବାବେଳେ 2010-11 ଆର୍ଥିକ ବର୍ଷ ପାଇଁ ଟ806.15 କୋଟି ଟଙ୍କା ଅଟକଳିତ ତଫାତ୍ (ଗ୍ୟାପ) ହୋଇଛି (ଜାନୁଆରୀ, 2011 ପର୍ଯ୍ୟନ୍ତ ଉକ୍ତ ତଫାତ୍ (ଗ୍ୟାପ) ଟ1192.56 କୋଟି ଟଙ୍କା) ।

**9. ଗ୍ରୀଡ୍‌କୋ ଆକାଉଣ୍ଟରେ ଥିବା ତଫାତ (ଗ୍ୟାପ) କମାଇବା :**

- ରାଜ୍ୟର ବିଭିନ୍ନ ବିଦ୍ୟୁତବଣ୍ଟନ କମ୍ପାନୀଗୁଡ଼ିକୁ ବିକ୍ରୟ ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ ୟୁନିଟ ପିଛା ହାରାହାରି 174.58 ପଇସା କ୍ରୟ ମୂଲ୍ୟରେ 2010-11 ବର୍ଷ ନିମନ୍ତେ ବିଭିନ୍ନ ଉତ୍ସରୁ ଟ3666.85 କୋଟି ଟଙ୍କା ଅଟକଳିତ ବ୍ୟୟରେ ଗ୍ରୀଡ୍‌କୋ ମାଧ୍ୟମରେ 21,00,375 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବା ସକାଶେ ଆୟୋଗ ଅନୁମୋଦନ କରିଥିଲେ । ମାତ୍ର 2010-11 ବର୍ଷ ନିମନ୍ତେ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକୁ ଅଧିକ ପରିମାଣର ବିଦ୍ୟୁତ ଯୋଗାଣ ମୂଲ୍ୟ ୟୁନିଟ ପିଛା 170.25 ପଇସା ରଖିବା ସକାଶେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ

ହୋଇଥିଲା । 2010-11 ନିମନ୍ତେ ଗ୍ରୀଡ୍‌କୋର ରାଜସ୍ୱ ଆଦାୟ ଓ ରାଜସ୍ୱ ଆବଶ୍ୟକତା ମଧ୍ୟରେ ତଫାତ୍ (ଗ୍ୟାପ) ଟ806.15 କୋଟି ଟଙ୍କା ବୋଲି ଅନୁମୋଦନ କରାଯାଇଥିଲା । ଉକ୍ତ ତଫାତ୍ (ଗ୍ୟାପ୍)କୁ କମାଇବା ସକାଶେ ବିଦ୍ୟୁତ ଶକ୍ତି କାରବାର ବାବଦ ଆୟ, ଯୁଆଇ ଡିସ୍‌କମ୍‌ସ୍‌ଠାରୁ ବକେୟା ଅସୁଲ ଓ ସର୍ବୋପରି ପ୍ରଚଳିତ ବିଏସ୍‌ପି ସହିତ ସରକାରୀ ସହାୟତା ଲୋଡା ଯାଇଥିଲା । ଉପରୋକ୍ତ ମତେ ଆଡଜଷ୍ଟ କଲାପରେ ଯଦି କୌଣସି ପରିମାଣ ଆଡଜଷ୍ଟ ନହୋଇ ବଳକା ରହିଯାଏ ତେବେ ତାହା ରେଗୁଲେଟୋରୀ ଆସେଟ୍ ଭାବରେ ପରିଗଣିତ ହେବ ଓ ସେଗୁଡିକୁ ବହନ କରିବା ବାବଦ ବ୍ୟୟ 2011-12 ଆର୍ଥିକ ବର୍ଷ ବା ତା'ପରଠାରୁ ବାର୍ଷିକ ରାଜସ୍ୱ ଆବଶ୍ୟକତାରୁ ଭରଣା କରାଯିବ । ଏ ସଂକ୍ରାନ୍ତରେ ଗ୍ରୀଡ୍‌କୋ ଯେପରି ବିଦ୍ୟୁତ ଉତ୍ପାଦନକାରୀମାନଙ୍କୁ ବିଦ୍ୟୁତ ଶକ୍ତି କ୍ରୟ ମୂଲ୍ୟ ଠିକ୍ ସମୟରେ ପ୍ରଦାନ କରିପାରିବେ ତଥା ଡିସ୍‌କମ୍‌ସ୍‌କୁ ଆର ଆଣ୍ଡ ଏମ୍ ବାବଦ ବ୍ୟୟର ସମ୍ପୂର୍ଣ୍ଣ ପରିମାଣ ରିଲିଜ କରିବେ ସେଥି ସକାଶେ ଗ୍ରୀଡ୍‌କୋକୁ ଏକ ସ୍ୱତନ୍ତ୍ର ବଜେଟାରୀ ବ୍ୟବସ୍ଥା କରିବା ଲାଗି ଆୟୋଗ, ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତ ବର୍ଷ ଜାନୁଆରୀ, 2011 ପର୍ଯ୍ୟନ୍ତ ଗ୍ରୀଡ୍‌କୋ ଦାଖଲ କରିଥିବା ସେମାନଙ୍କର ନଗଦ ଟଙ୍କା ବିବରଣୀରେ ଦର୍ଶାଯାଇଥିବା ପରିମାଣରେ ମୋଟ ଟ1298.55 କୋଟି ଟଙ୍କାର ନେଟ୍ କ୍ୟାସ୍ ନିଅଣ୍ଟ ହେଉଛି । (ପାରାଗ୍ରାଫ 459) । ପ୍ରାଥମିକସ୍ତରରେ ଆୟୋଗ ସେଗୁଡିକୁ ରେଗୁଲେଟୋରି ଆସେଟ୍ ଭାବରେ ପରିଗଣିତ କରୁଥିଲେ । ଆୟୋଗଙ୍କୁ 2010-11 ବର୍ଷ ନିମନ୍ତେ ଅଡିଟ୍ ତଥ୍ୟ ମିଳିବାପରେ ସେଗୁଡିକ ସଂଶୋଧନ କରାଯାଇପାରେ ଓ ତାହା 2012-13 ଆର୍ଥିକ ବର୍ଷରୁ ଆରମ୍ଭ କରି ଛଅ ବର୍ଷ ମଧ୍ୟରେ ଭରଣା କରାଯିବ ।

- 2011-12 ବର୍ଷ ନିମନ୍ତେ ଗ୍ରୀଡ୍‌କୋ ଓ ଡିସ୍‌କମ୍‌ସ୍ ଦ୍ୱାରା ଦର୍ଶାଯାଇଥିବା ବିଦ୍ୟୁତର ଆବଶ୍ୟକତାକୁ ଦୃଷ୍ଟିରେ ରଖି 2011-12 ବର୍ଷ ନିମନ୍ତେ ସର୍ବନିମ୍ନ ମୂଲ୍ୟରେ ବିଭିନ୍ନ ଉତ୍ପାଦନକାରୀମାନଙ୍କଠାରୁ ଗ୍ରୀଡ୍‌କୋଦ୍ୱାରା 23489.18 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବା ପାଇଁ ଆୟୋଗ ଅନୁମୋଦନ କରିଛନ୍ତି । ଉତ୍ପାଦନ ବାବଦ ବ୍ୟୟକୁ ଭିତ୍ତିକରି ଉତ୍ପାଦନକାରୀମାନଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ମତେ ୟୁନିଟ୍ ପିଛା ବିଦ୍ୟୁତ ହାରାହାରି କ୍ରୟ ମୂଲ୍ୟ ଟ210.32 ପଇସା । ସୁତରାଂ 2011-12 ବର୍ଷ ନିମନ୍ତେ ବିଭିନ୍ନ ଉତ୍ପାଦନକାରୀମାନଙ୍କଠାରୁ ଗ୍ରୀଡ୍‌କୋ ଦ୍ୱାରା କ୍ରୟ କରାଯାଇଥିବା ବିଦ୍ୟୁତ ବାବଦ ବ୍ୟୟ ଟ4940.30 କୋଟି । ଦରମା ବାବଦ ବ୍ୟୟ, ଅର୍ଥ ପ୍ରଦାନ ବାବଦ ସୁଧ ଓ ଏ ଆଣ୍ଡ ଜି ବାବଦ ବ୍ୟୟକୁ ହିସାବକୁ ନେବା ପରେ ଇଆରଏଲଡିସି ଦେୟ

ଟ335.00 କୋଟି, ଋଣ ପରିଶୋଧ ବାବଦ ସ୍ୱତନ୍ତ୍ର ବିନିଯୋଗ ଟ421.78 କୋଟି, ଓଏଚ୍‌ପିସି ବାବଦ ପ୍ରତିପ୍ରଦାନ ଅର୍ଥର ପରିମାଣ ଟ8.28 କୋଟି ଓ ଏନ୍‌ଟିପିସି ଷ୍ଟେସନ ସକାଶେ ଏଫ୍‌ପିଏ ବାବଦକୁ ଅତ୍ୟଧିକ ଅର୍ଥପ୍ରଦାନର ପରିମାଣ ଟ311.56 କୋଟି, ହିସାବ କରାଯାଇଥିବା ନେଟ୍ ରାଜସ୍ୱ ଆବଶ୍ୟକତା ଟ6016.92 କୋଟି ହୋଇଥିବା ବେଳେ 2011-12 ଆର୍ଥିକ ବର୍ଷ ନିମନ୍ତେ ୟୁନିଟ୍ ପିଛା ଟ231.65 ପଇସା ହାରରେ ଅନୁମୋଦିତ ଅଧିକ ଯୋଗାଣ ମୂଲ୍ୟରେ ଡିସ୍‌କମ୍‌ସଠାରୁ ରାଜସ୍ୱ ଆକାରରେ ଅସୁଲର ମୋଟ ପରିମାଣ ଟ5206.87 କୋଟି ହେବ ବୋଲି ଆକଳନ କରାଯାଇଛି । ବିବିଧ ରାଜସ୍ୱ ଆଦାୟ ବାବଦକୁ 64.00 କୋଟି ଟଙ୍କା ହିସାବକୁ ନେଲାପରେ 2011-12 ବର୍ଷ ନିମନ୍ତେ ଟ746.05 କୋଟି ଟଙ୍କା ତଫାତ୍ (ଗ୍ୟାପ) ହେବ । ଉକ୍ତ ତଫାତ୍ (ଗ୍ୟାପ)କୁ କାରବାର, ୟୁଆଇ ଡିସ୍‌କମ୍‌ସ୍‌ଠାରୁ ବକେୟା ଅସୁଲ, ସର୍ବୋପରି ପ୍ରଚଳିତ ବିଏସ୍‌ପି ତଥା ସରକାରୀ ଆର୍ଥିକ ସହାୟତା ମାଧ୍ୟମରେ ଭରଣା କରାଯାଇପାରିବ ବୋଲି ଆୟୋଗ ଆଶା କରିଛନ୍ତି । ସେପରି ଆଡଜଷ୍ଟ କଲାପରେ ଯଦି କୌଣସି ପରିମାଣ ଆଡଜଷ୍ଟ ନହୋଇ ରହେ ତେବେ ତାହା ରେଗୁଲେଟୋରୀ ଆସେଟ୍ ବୋଲି ଧରିନିଆଯିବ ଓ ସେଗୁଡିକୁ ବହନ କରିବା ବାବଦ ବ୍ୟୟ 2012-13 ଆର୍ଥିକ ବର୍ଷ ବା ତା'ପରଠାରୁ ବାର୍ଷିକ ରାଜସ୍ୱ ଆବଶ୍ୟକତାରୁ ଭରଣା କରାଯିବ । ଡିସ୍‌କମ୍‌ସ୍‌ଠାରୁ ବିଦ୍ୟୁତ ଶକ୍ତି ସରବରାହ ବାବଦ ଦେୟ, ଏସ୍‌ଏଲ୍‌ଡିସି ବାବଦ ଦେୟ, ଅଧିକ ଯୋଗାଣ ବାବଦ ମୂଲ୍ୟ ଓ କର୍ମଚାରୀମାନଙ୍କର ପ୍ରଚଳିତ ଦରମା ଆଡଜଷ୍ଟ କଲାପରେ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡିକୁ ଗ୍ରୀଡ୍‌କୋ ମାଧ୍ୟମରେ ବିଦ୍ୟୁତ କ୍ରୟ ମୂଲ୍ୟ ଠିକ୍ ସମୟରେ ପ୍ରଦାନ କରିବା ସକାଶେ ଗ୍ରୀଡ୍‌କୋକୁ ଏକ ସ୍ୱତନ୍ତ୍ର ବଜେଟ ଅନୁଦାନ ବ୍ୟବସ୍ଥା କରିବାକୁ ସରକାର ବିଚାର କରିପାରନ୍ତି । ଫଳରେ ଠିକ୍ ସମୟରେ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ଦ୍ୱାରା ତାହା ଡିସ୍‌କମ୍‌ମାନଙ୍କୁ ବିଦ୍ୟୁତ ଯୋଗାଣର ଗୁଣାତ୍ମକମାନ ବୃଦ୍ଧି କରିବାରେ ସହାୟତା କରିବ । ଯୋଗାଇ ଦିଆଯାଉଥିବା ବିଦ୍ୟୁତର ଶତକଡା 100 ଭାଗ ବିଲିଂ କରିବା ଓ ପ୍ରଚଳିତ ଟାରିଫ୍ ବିଲ୍‌କୁ ସମ୍ପୂର୍ଣ୍ଣ ଭାବରେ ଅସୁଲ କରିବା ସକାଶେ ଡିସ୍‌କମ୍‌ସ୍ ସୁସଙ୍ଗଠିତ ଭାବେ ସମନ୍ୱୟ ରକ୍ଷାକରି ପ୍ରଚେଷ୍ଟା କରିବା ଉଚିତ୍ ।

- ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡିକ ନିମନ୍ତେ ନରମାଟିଭ ପାରାମିଟର ଓ ସିଜିପି ପାଇଁ ଗ୍ରୀଡ୍‌କୋର ପ୍ରୋଜେକ୍ସନ, କୋ-ଜେନେରେସନ ଓ ଆଇପିପି ପାୱାର ବାବଦ ମିଳୁଥିବା ମୋଟ ବିଦ୍ୟୁତ ଅଟକଳ ପରିମାଣ 24948.40 ଏମ୍‌ୟୁ । ଏଥିରୁ ରାଜ୍ୟର ଆବଶ୍ୟକତା ବାବଦ 23489.18 ଏମ୍‌ୟୁ ବାଦ୍ ଦେଲାପରେ ବଳକା

1459.22 ଏମ୍‌ୟୁ ବିଦ୍ୟୁତ ଗ୍ରୀଡ୍‌କୋ କାରବାର କରିପାରିବ । ଯଦି ସିଜିପିଏସ୍, କୋ-ଜେନେରେସନ ପ୍ଲାଣ୍ଟ ଓ ଆଇପିପିରୁ ଅଣାଯାଉଥିବା ବିଦ୍ୟୁତର ପରିମାଣ ବୃଦ୍ଧି କରାଯାଏ ତେବେ ଉକ୍ତ ବଳକା ବିଦ୍ୟୁତର ପରିମାଣ ଅଧିକ ହୋଇଯିବ ।

- ଗ୍ରୀଡ୍‌କୋର ପୂର୍ବ ଅଭିଜ୍ଞତାରୁ ସେ ତାହାର ବଳକା ବିଦ୍ୟୁତକୁ  ବାହାରକୁ ରପ୍ତାନୀ କରିବା ସଙ୍ଗେ ସଙ୍ଗେ ଦରକାର ବେଳେ ବିଦ୍ୟୁତ ଟ୍ରେଡରଙ୍କଠାରୁ ବିଦ୍ୟୁତ ଆମଦାନୀ କରିବାର କୌଶଳ ପ୍ରୟୋଗ କରିବା ବିଷୟ ନେଇ କମିଶନ ଅବଗତ ଅଛନ୍ତି । ଉଭୟ ଉପାୟରେ ବିଦ୍ୟୁତ ଆଦାନ ପ୍ରଦାନ କରିବାରେ ଅଂଶଗ୍ରହଣ କରିବା ନେଇ ଗ୍ରୀଡ୍‌କୋ ମଧ୍ୟ ତାହାର ଏକ ସଦସ୍ୟ ହୋଇ ରହିଛି । ଉକ୍ତ ଉଭୟ ଉପାୟରେ ଟ୍ରେଡିଂ, ୟୁଆଇ ଏକ୍ସଚେଞ୍ଜ ବ୍ୟତୀତ ଗ୍ରୀଡ୍‌କୋ ମଧ୍ୟ ବିଦ୍ୟୁତ ଟ୍ରେଡିଂରେ ବ୍ୟାଙ୍କିଂ ପଦ୍ଧତି ଗ୍ରହଣ କରିଛି । ଅତୀତରେ ଓଡ଼ିଶା, ବିଦ୍ୟୁତ କ୍ଷେତ୍ରରେ ରାଜ୍ୟର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଉଭୟ ଉପାୟରେ ବିଦ୍ୟୁତ ଟ୍ରେଡିଂ କରିବାରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ସୁତରାଂ ଆୟୋଗ ଚାହୁଁଛନ୍ତି ଯେ ଗ୍ରୀଡ୍‌କୋ ରାଜ୍ୟର ସିଜିପି ଓ ଆଇପିପିମାନଙ୍କଠାରୁ ସର୍ବାଧିକ ପରିମାଣର ବିଦ୍ୟୁତ ସଂଗ୍ରହ କରିବା ଉଚିତ୍ ଏବଂ ରାଜ୍ୟର ବିଦ୍ୟୁତ ଚାହିଦା ପୂରଣ ହୋଇଗଲା ପରେ ବଳକା ବିଦ୍ୟୁତକୁ ଟ୍ରେଡିଂ କରିବା ପାଇ ଚେଷ୍ଟା କରିବା ମଧ୍ୟ ଉଚିତ୍ । ସେହିପରି ବର୍ଷର ବିଭିନ୍ନ ସମୟରେ ବିଦ୍ୟୁତ ନିଅଣ୍ଟ ହେବା ବେଳେ ଗ୍ରୀଡ୍‌କୋ, ଟ୍ରେଡିଂ ଓ ୟୁଆଇ ଏକ୍ସଚେଞ୍ଜ ମାଧ୍ୟମରେ ବିଦ୍ୟୁତ ଆମଦାନୀ କରିପାରିବ । ଟାରିଫ୍ ସମ୍ବନ୍ଧୀୟ ଅଭିଯୋଗ ଶୁଣାଣିବେଳେ ତଥା ଲିଖିତାକାରରେ କେତେକ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଅନୁମୋଦନ କରିଥିବା ହାରାହାରି କ୍ରୟ ମୂଲ୍ୟଠାରୁ ଗ୍ରୀଡ୍‌କୋ ରାଜ୍ୟ ବାହାରୁ ଅଧିକ ଦରରେ ବିଦ୍ୟୁତ କ୍ରୟ କରିଥିଲା । ଅଭିଯୋଗକାରୀମାନେ ପ୍ରସ୍ତାବ ଦେଇଛନ୍ତି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଅନୁମୋଦିତ ଦରରୁ ଅଧିକ ଦରରେ କ୍ରୟ କରାଯାଇଥିବା ପରିମାଣକୁ ଗ୍ରୀଡ୍‌କୋର ବାର୍ଷିକ ରାଜସ୍ୱ ଆବଶ୍ୟକତା ମଧ୍ୟରେ ମଂଜୁର କରାଯିବା ଉଚିତ୍ ହେବନାହିଁ । ଆୟୋଗ ସ୍ପଷ୍ଟ କରି ଦେବାକୁ ଚାହାଁନ୍ତି ଅତୀତରେ କେନ୍ଦ୍ର ଓ ରାଜ୍ୟର ଉତ୍ପାଦନକାରୀମାନଙ୍କଠାରୁ ବିଦ୍ୟୁତ କ୍ରୟ କରିବା ଲାଗି ଗ୍ରୀଡ୍‌କୋର କେବଳ ହାରାହାରି କ୍ରୟ ମୂଲ୍ୟ ଅନୁମୋଦନ କରିଥିଲେ ଏବଂ ଗ୍ରୀଡ୍‌କୋର ଅନୁମୋଦିତ ବିଦ୍ୟୁତର କ୍ରୟ ପରିମାଣ, ଗ୍ରୀଡ୍‌କୋର ବାର୍ଷିକ ରାଜସ୍ୱ ଆବଶ୍ୟକତା ଅଟକଳ କରିବା ପାଇଁ ଏକ ମାନଦଣ୍ଡ ସ୍ୱରୂପ ଅଟେ । ଡିସ୍‌କମ୍‌ସ ମାଧ୍ୟମରେ ରାଜ୍ୟରେ ବିଦ୍ୟୁତ ଗ୍ରାହକମାନଙ୍କୁ ବିଦ୍ୟୁତ ଯୋଗାଇ ଦେବା ସକାଶେ, ଆୟୋଗଙ୍କ ଦ୍ୱାରା

ଅନୁମୋଦିତ ଦରରୁ ଅଧିକ ଦରରେ ଗ୍ରୀଡ୍‌କୋ ଯଦିଓ ବିଦ୍ୟୁତ କ୍ରୟ କରିଛି ତେବେ ଗ୍ରୀଡ୍‌କୋ ଦ୍ୱାରା କ୍ରୟ କରାଯାଇଥିବା ବିଦ୍ୟୁତ ବାବଦ ସେପରି ଅତିରିକ୍ତ ବ୍ୟୟ ସେହି ବର୍ଷ ମଧ୍ୟରେ ଡିସ୍‌କମ୍‌ସ୍ ମାଧ୍ୟମରେ ବିଦ୍ୟୁତ ଗ୍ରାହକମାନଙ୍କ ଉପରେ ଅଧିକ ଆର୍ଥିକ ବୋଝ ପକାଇବ ନାହିଁ; କାରଣ ସେହି ବର୍ଷ ମଧ୍ୟରେ ବିଦ୍ୟୁତ ଗ୍ରାହକମାନଙ୍କ ସକାଶେ ଟାରିଫ୍‌କୁ ସଂଶୋଧନ କରାଯାଉନାହିଁ । ଏହିସବୁ ବିଷୟକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ ଆପତ୍ତିକାରୀଙ୍କର ଅଭିଯୋଗ ଭିତ୍ତିହୀନ ।

## 10. ସିଜିପି ଓ କୋ-ଜେନେରେସନ ପ୍ଲାଣ୍ଟଗୁଡିକଠାରୁ ବିଦ୍ୟୁତ କ୍ରୟ :

- ରାଜ୍ୟରେ ବିଦ୍ୟୁତର ବ୍ୟବହାର ପାଇଁ 2011-12 ଆର୍ଥିକ ବର୍ଷ ସକାଶେ ସିଜିପିଗୁଡିକଠାରୁ 603.79 ଏମ୍‌ୟୁ ଓ କୋ-ଜେନେରେସନ ପ୍ଲାଣ୍ଟଠାରୁ 512.46 ଏମ୍‌ୟୁ ବିଦ୍ୟୁତ ଆଣିବା ପାଇଁ ଆୟୋଗ ଅନୁମୋଦନ କରିଛନ୍ତି । ଉକ୍ତ ପରିମାଣ ମଧ୍ୟରେ ଟ୍ରେଡିଂ ଉଦ୍ଦେଶ୍ୟରେ ସିଜିପି ଓ କୋ-ଜେନେରେସନ ପ୍ଲାଣ୍ଟଠାରୁ କ୍ରୟ କରାଯାଇଥିବା ବଳକା ବିଦ୍ୟୁତ ଅନ୍ତର୍ଭୁକ୍ତ ନୁହେଁ ।
- ସେ ଯାହା ହେଉନା କାହିଁକି ରାଜ୍ୟର ବିଦ୍ୟୁତ ଚାହିଦା ପୂରଣ କରିବା ପାଇଁ ସିଜିପି ଓ କୋ-ଜେନେରେସନ ପ୍ଲାଣ୍ଟଠାରୁ ବିଦ୍ୟୁତ ଆଣିବା ସକାଶେ ସଂପ୍ରତି ଦିଆଯାଇଥିବା ଅନୁମୋଦନ ଗ୍ରୀଡ୍‌କୋପାଇଁ ଏକ ସୀମିତ ବ୍ୟବସ୍ଥା ନୁହେଁ । ସଂପ୍ରତି ଅନୁମୋଦିତ ପରିମାଣଠାରୁ ଅଧିକ ପରିମାଣର ବିଦ୍ୟୁତ ଆଣିବା ସକାଶେ ଗ୍ରୀଡ୍‌କୋ ସେ ବିଷୟ ଆୟୋଗଙ୍କୁ ଜଣାଇବ । ପୁନଶ୍ଚ ଟ୍ରେଡିଂ ଉଦ୍ଦେଶ୍ୟରେ ଅଧିକ ବିଦ୍ୟୁତ ଉତ୍ପାଦନ କରିବା ସକାଶେ ସିଜିପି ଓ କୋ-ଜେନେରେସନ ପ୍ଲାଣ୍ଟ ସହିତ ଯୋଗସୂତ୍ର ରଖିବାକୁ ଆୟୋଗ ମଧ୍ୟ ଗ୍ରୀଡ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି ।

## 11. ଆଇପିପିମାନଙ୍କଠାରୁ ବିଦ୍ୟୁତ କ୍ରୟ :

ରାଜ୍ୟରେ ବିଦ୍ୟୁତର ବ୍ୟବହାର ପାଇଁ 2011-12 ଆର୍ଥିକ ବର୍ଷ ମଧ୍ୟରେ ଦୁଇଟି ଆଇପିପି ସଂସ୍ଥା, ଅର୍ଥାତ୍ ମେସର୍ସ ଷ୍ଟେରଲାଇଟ ଏନର୍ଜି ଲିଃ. ଓ ମେସର୍ସ ଆରତି ଷ୍ଟିଲସ୍ ଲିଃ.ଠାରୁ ଗ୍ରୀଡ୍‌କୋ ଦ୍ୱାରା 3357.12 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବା ପାଇଁ ଆୟୋଗ ଅନୁମୋଦନ କରିଛନ୍ତି । ଅବଶ୍ୟ ଆବଶ୍ୟକତା ଅନୁସାରେ ମୂଲ୍ୟ ମିଳିବା ଉପରେ ନିର୍ଭର କରି ଗ୍ରୀଡ୍‌କୋ, ଉକ୍ତ ଦୁଇଟି ଆଇପିପି ସଂସ୍ଥାରୁ ଅଧିକ ପରିମାଣର ବିଦ୍ୟୁତ କ୍ରୟ କରିପାରିବେ । ପୁନଶ୍ଚ 2011-12 ବର୍ଷ ମଧ୍ୟରେ ଅନ୍ୟାନ୍ୟ ଆଇପିପିମାନଙ୍କଠାରୁ ବିଦ୍ୟୁତ କ୍ରୟ କରିବା ଲାଗି ଗ୍ରୀଡ୍‌କୋକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ବାସ୍ତବରେ ପିପିଏ ଅନୁସାରେ ରାଜ୍ୟର ଅଂଶ ସ୍ୱରୂପ ଆଇପିପିଗୁଡିକଠାରୁ ଗ୍ରୀଡ୍‌କୋ ଅଧିକ ପରିମାଣର

ବିଦ୍ୟୁତ କ୍ରୟ କରିପାରିବ ଏବଂ ରାଜ୍ୟର ଚାହିଦା ପୂରଣ କଲାପରେ ବଳକା ବିଦ୍ୟୁତକୁ ରପ୍ତାନୀ କରିବା ପାଇଁ ଆଗ୍ରହ ପ୍ରକାଶ କରିପାରିବ ।

**12. ଅଣପାରମ୍ପରିକ ଉତ୍ସରୁ ବିଦ୍ୟୁତ କ୍ରୟ :**

- 2011-12 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟରେ ବ୍ୟବହାର ହେବା ପାଇଁ ଦୁଇଟି କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପର ଅଣପାରମ୍ପରିକ ଉତ୍ସରୁ 300 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବା ସକାଶେ ଆୟୋଗ ଅନୁମୋଦନ କରିଛନ୍ତି । ରାଜ୍ୟରେ ଥିବା କୋ-ଜେନେରେସନ ପ୍ଲାଣ୍ଟରୁ 512.46 ଏମ୍‌ୟୁ ବିଦ୍ୟୁତ କ୍ରୟ କରିବା ଲାଗି ମଧ୍ୟ ଆୟୋଗ ଅନୁମୋଦନ କରିଛନ୍ତି ।

- ତା 30.9.2010ରେ ଅଧିସୂଚୀତ ହୋଇଥିବା କମ୍ପ୍ଲିଆନ୍ସ  ରେଗୁଲେସନ, 2010 ଓ ରିନିଓ୍ୱେବଲ ଏବଂ କୋ-ଜେନେରେସନ ପରଚେଜ ଓବ୍ଲିଗେସନରେ ଆୟୋଗ 2011-12 ବର୍ଷ ନିମନ୍ତେ ମୋଟ ବିଦ୍ୟୁତ କ୍ରୟର ଶତକଡା 5 ଭାଗ ଅଣପାରମ୍ପରିକ ଏବଂ କୋ-ଜେନେରେସନ ଉତ୍ସରୁ କିଣିବା ପାଇଁ ସ୍ଥିର କରିଛନ୍ତି (ସୌର ଶକ୍ତି – 0.10% + ଅଣ-ସୌର ଶକ୍ତି – 1.20% + କୋ-ଜେନେରେସନ - 3.70%) । ଏହା ପ୍ରତ୍ୟେକ ବର୍ଷ ୦.୫% ହାରରେ ବୃଦ୍ଧି ହୋଇ ୨୦୧୫-୧୬ ବର୍ଷ ଶେଷକୁ ୭%ରେ ପହଞ୍ଚିବ (ସୌର ଶକ୍ତି – 0.30% + ଅଣ-ସୌର ଶକ୍ତି – 2.00% + କୋ-ଜେନେରେସନ - 4.70%) ଯଦି ଅଣପାରମ୍ପରିକ ଉତ୍ସରୁ ପ୍ରକୃତ କ୍ରୟ ପରିମାଣ ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ଶତକଡା ହାରରୁ କମିଯାଏ, ତେବେ ସେପରି ସ୍ଥଳେ ବିଦ୍ୟୁତ ସଂସ୍ଥାଗୁଡିକ ଚଢା ମୂଲ୍ୟରେ ଅଣପାରମ୍ପରିକ ଉତ୍ସରୁ ବିଦ୍ୟୁତ ପ୍ରମାଣ ପତ୍ର କିଣିବା ଆବଶ୍ୟକ । ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଛି ଯେ ବିଦ୍ୟୁତ ଚାହିଦାକୁ ଭରଣା କରିବା ସକାଶେ ରିନିଓ୍ୱେବଲ ପ୍ରମାଣପତ୍ର ସହିତ ଚଢା ଦରରେ ବିଦ୍ୟୁତ କ୍ରୟ କରିଯିବା ଆବଶ୍ୟକ ଏହା ଦ୍ୱାରା ବିଦ୍ୟୁତ ଗ୍ରାହକମାନଙ୍କ ଉପରେ ଟାରିଫ୍‌ର ଚଢାଦର ପ୍ରଭାବ ପଡିବ । ଟାରିଫ୍‌ର ସେପରି ପ୍ରଭାବକୁ କମାଇବା ସକାଶେ ଯେଉଁ ପ୍ରକଳ୍ପରୁ ପ୍ରାୟ 2000 ଏମ୍‌ଡବ୍ଲ୍ୟୁ  ଉତ୍ପନ୍ନ ହେବାର ସମ୍ଭାବନା ରହିଛି ସେପରି କ୍ଷୁଦ୍ର ତଥା ମିନି ହାଇଡ୍ରୋ ପ୍ରୋଜେକ୍ଟରୁ ପ୍ରଚଳିତ ପୋଟେନସିଆଲକୁ ଅନ୍ୟାୟଭାବେ ଉପଯୋଗ କରିବା ଆବଶ୍ୟକ । ପୁନଶ୍ଚ ରାଜ୍ୟ ସରକାର ତଥା ଓରେଡା ସଂସ୍ଥା ସହାୟତାରେ ଅଣପାରମ୍ପରିକ ପ୍ରକଳ୍ପମାନ (ବିଶେଷ କରି ସୋଲାର, ବାଓମାସ ଓ ଏସ୍‌ଏଚପି) 2011-12 ଆର୍ଥିକ ବର୍ଷ ମଧ୍ୟରେ ଆରପିଓ ଚାହିଦା ପୂରଣ କରିବା ସକାଶେ ରାଜ୍ୟରେ ନିର୍ମାଣଧୀନ ଅବସ୍ଥାରେ ରହିଛି । ଅଣପାରମ୍ପରିକ ବିଦ୍ୟୁତ ପ୍ରମାଣପତ୍ର କ୍ରୟ ବ୍ୟବସ୍ଥାକୁ

ଏଡାଇବା ସକାଶେ ଗ୍ରୀଡ୍‌କୋ କୋ-ଜେନେରେସନ ପ୍ଲାଣ୍ଟରୁ ମିଳୁଥିବା ସର୍ବାଧିକ ପରିମାଣର ବିଦ୍ୟୁତ କ୍ରୟ କରିବା ଲାଗି ପ୍ରଚେଷ୍ଟା ଜାରି ରଖିଛି ।

**13. ଫୁଏଲ ପ୍ରାଇସ୍ ଆଡ୍‌ଜଷ୍ଟମେଣ୍ଟ (ଏଫ୍‌ପିଏ) :**

2011-12 ନିମନ୍ତେ ହାରାହାରି ମୂଲ୍ୟକୁ ଭିତ୍ତିକରି ହାରାହାରି ଏଫ୍‌ପିଏ ଦର ଓ ଜାନୁଆରୀ’ 2011 ପାଇଁ କୋଇଲା ଓ ତେଲ ଜିସିଭି ସହିତ ଏଫ୍‌ପିଏ ଦରରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ଶତକଡା 20 ଭାଗ ବୃଦ୍ଧି କରାଯିବାକୁ ଆୟୋଗ ଅଟକଳ କରିଛନ୍ତି । 2011-12 ମଧ୍ୟରେ ଆୟୋଗ ସ୍ଥିର କରିଥିବା 20 ଭାଗଠାରୁ ଯଦି ଏଫ୍‌ପିଏ ଦରରେ କୌଣସି ଅଧିକ ପରିବର୍ତ୍ତନ ହୁଏ ତେବେ ତାହା ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା) ବିନିୟମାବଳୀ, 2004ର ବିନିୟମ 60 ତଥା ପରିଶିଷ୍ଟ-7ରେ ଥିବା ପ୍ରକ୍ରିୟା ଓ ମାର୍ଗଦର୍ଶନ ଅନୁସାରେ ଅସୁଲ କରାଯିବ । ଏହା ପ୍ରଯୁଜ୍ୟ ହେଉଥିବା ସାଧାରଣ ଟାରିଫ୍ ଉପରେ ସ୍ଥିର କରାଯାଇଛି ।

**14. ଏସକ୍ରୋ (Escrow) କୋହଳ ପଦ୍ଧତି :**

ଆୟୋଗ କେସ ନଂ. 3/2010ରେ ତାଙ୍କ 12.4.2010 ତାରିଖ ତଥା 01.01.2011 ତାରିଖ ଏବଂ କେସ ନଂ.34/2010, 02.11.2010 ତାରିଖରେ ତାଙ୍କ ଆଦେଶ ମାଧ୍ୟମରେ ଏସକ୍ରୋ ଆକାଉଣ୍ଟରୁ ପାଣ୍ଠି ଉଠାଇ ତାହାକୁ ବଣ୍ଟନ କମ୍ପାନୀମାନଙ୍କୁ ପାଣ୍ଠି କେଉଁ ରୀତିରେ ଓ କେଉଁ ଅଗ୍ରାଧିକାର କ୍ରମରେ ଦିଆଯିବ ତାହା ସ୍ଥିର କରିଛନ୍ତି । ତଦନୁଯାୟୀ ନିମ୍ନରେ ଦର୍ଶାଯାଇଥିବା ମତେ ଗ୍ରୀଡ୍‌କୋକୁ ଏସକ୍ରୋ କୋହଳ ପଦ୍ଧତି ପାଇଁ ଅନୁମତି ଦିଆଯାଇଛି :-

“(କ) <u>ଚଳିତ (ବର୍ଷ) ରାଜସ୍ୱରୁ</u>

କ. ଚଳିତ (କରେଣ୍ଟ) ବିଏସ୍‌ଟି ଦେୟ, ଚଳିତ ସରବରାହ ବାବଦ ଦେୟ, ବଣ୍ଟନ କମ୍ପାନୀଗୁଡିକ ଦ୍ୱାରା ପ୍ରଦେୟ ଏସ୍‌ଏଲ୍‌ଡିସି ଦେୟ ଓ ଲାଇସେନ୍ସ ଫିସ୍, ସିଜିପିଗୁଡିକଠାରୁ ବା ଅନ୍ୟ ଏଜେନ୍ସି ଯଦି ଥାଏ ତେବେ ସେଗୁଡିକଠାରୁ ସିଧାସଳଖ ବିଦ୍ୟୁତ କ୍ରୟ ସମ୍ବନ୍ଧୀୟ ଡିସ୍‌କମ୍‌ସର ବିଦ୍ୟୁତ ବିଲ ।

ଖ. 2010-11 ଆର୍ଥିକ ବର୍ଷ ଓ ତା’ପରବର୍ତ୍ତୀ ବର୍ଷଗୁଡିକ ନିମନ୍ତେ ଟାରିଫ୍ ଆଦେଶରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମତେ କର୍ମଚାରୀମାନଙ୍କ ବାବଦ ବ୍ୟୟ ।

ଗ. 2010-11 ଆର୍ଥିକ ବର୍ଷ ଓ ତା’ ପରବର୍ତ୍ତୀ ବର୍ଷଗୁଡିକ ନିମନ୍ତେ ଟାରିଫ୍ ଆଦେଶରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମତେ ଆର ଆଣ୍ଡ ଏମ୍ ସମ୍ପର୍କିତ ମାସିକ ବ୍ୟୟ ।

ଘ. କ୍ୟାପେକ୍ସ ପ୍ରୋଗ୍ରାମ ବିକାଶ ନିମନ୍ତେ ଆର୍ଥିକ ଅନୁଷ୍ଠାନମାନଙ୍କଠାରୁ ଆଣିଥିବା ଋଣ/ଆଣିବାକୁ ପ୍ରସ୍ତାବ ଥିବା ଋଣ ବାବଦ ମୂଳଧନ ଓ ସୁଧ ପରିଶୋଧ କରିବା ଲାଗି ମାସିକ ବ୍ୟୟ ।

ଙ. 2008-09 ଓ 2009-10 ତଥା ଏ ଦୁଇଟି ବର୍ଷର ପରବର୍ତ୍ତୀ ମାସଗୁଡ଼ିକରେ ଯଦି ଥାଏ, ତେବେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମତେ ଖିଲାପ ବକେୟା ବିଏସ୍‌ପି ବାବଦ ମାସିକ ହାରାହାରି ବ୍ୟୟ ।

ଚ. 01.12.2008 ତାରିଖର ଆୟୋଗଙ୍କ ତନ୍ନ ତନ୍ନ ପରୀକ୍ଷା ନିରୀକ୍ଷା ସମ୍ପର୍କିତ ଆଦେଶରେ ଅନୁମୋଦିତ ହୋଇଥିବା ମତେ ବକେୟା ବିଏସ୍‌ପି ଦେୟ ବାବଦ ବଳକା ରହିଥିବା ଅର୍ଥ ପରିମାଣ ।

(ଖ) <u>ବକେୟା ରାଜସ୍ୱରୁ</u>

01.4.2010 ତାରିଖ ସୁଦ୍ଧା/ସମ୍ପୃକ୍ତ ଆର୍ଥିକ ବର୍ଷ ଆରମ୍ଭରୁ ବକେୟା ରହିଥିବା ପରିମାଣରୁ ଅସୁଲ ହେବାକୁ ଥିବା ଅର୍ଥ ପରିମାଣ ନିମ୍ନରେ ଦର୍ଶାଯାଇଥିବା ଅଗ୍ରାଧିକାର କ୍ରମରେ ବିନିଯୋଗ କରାଯିବ :-

(i) 31.3.2009 ପର୍ଯ୍ୟନ୍ତ ହିସାବ କରାଯାଇଥିବା ବଳକା ସଂଶୋଧିତ ବକେୟା ଦରମା ପ୍ରଦାନ ବାବଦକୁ ମାସିକ ବକେୟା ଅସୁଲର ଶତକଡା 50 ଭାଗ ଅର୍ଥ ବିନିଯୋଗ କରାଯିବ ।

(ii) 01.12.2008 ତାରିଖ ସମ୍ୟକ ପରୀକ୍ଷାନିରୀକ୍ଷା ଆଦେଶରେ ଅନୁମୋଦିତ ହେଉଥିବା ମତେ ବକେୟା ବିଏସ୍‌ପି ଦେୟ ବାବଦକୁ ମାସିକ ବକେୟା ଅସୁଲ ପରିମାଣର ଅବଶିଷ୍ଟ ଶତକଡା 50 ଭାଗ ଅର୍ଥ ବିନିଯୋଗ କରାଯିବ ।

- ଆୟୋଗଙ୍କ ଉପରୋକ୍ତ ନିର୍ଦ୍ଦେଶାବଳୀ ଯାହାକି ଏସକ୍ରୋ କୋହଳ ପଦ୍ଧତି ବିଷୟରେ ପାରା-516ରେ ଦର୍ଶାଯାଇଛି ତାହା 2011-12 ଆର୍ଥିକ ବର୍ଷ ନିମନ୍ତେ ସମସ୍ତ ଡିସ୍‌କମ୍‌ସ ସକାଶେ ପ୍ରଯୋଜ୍ୟ ହେବ ।
- ପୁନଶ୍ଚ କେସ୍ ନଂ 3/2010ରେ 01.01.2011 ତାରିଖ ଆଦେଶ ମାଧ୍ୟମରେ ଆୟୋଗ ନିମ୍ନୋକ୍ତ ନିର୍ଦ୍ଦେଶନାମା ଦେଇଥିଲେ :

(iii) 2010-11 ବର୍ଷର ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ ଅର୍ଥ ପରିମାଣର ସମାନୁପାତ ଭିତ୍ତିରେ ପ୍ରତ୍ୟେକ ମାସରେ ଡିସ୍‌କମ୍‌ସକୁ ମରାମତି ଓ ରକ୍ଷଣାବେକ୍ଷଣ ବାବଦ ଏସକ୍ରୋ କୋହଳ କରିବା ସକାଶେ ଗ୍ରୀଡ୍‌କୋ ନିର୍ଦ୍ଦେଶ ଦେଇଛି । ଏସକ୍ରୋରେ ଜମା କରାଯାଇଥିବା ରାଜସ୍ୱର ପରିମାଣ ଓ ଡିସ୍‌କମ୍‌ସକୁ ବ୍ୟାଙ୍କଗୁଡ଼ିକ ଦ୍ୱାରା ମଞ୍ଜୁର କରାଯାଇଥିବା ଏଲ୍.ସି. ସୀମାକୁ ବିଚାରକୁ

ନିଆଯାଇ ଉକ୍ତ ନିର୍ଦ୍ଦେଶ ଦିଆଯାଇଛି । ଯଦି ଡିସ୍‌କମ୍‌ସ, ଆର୍ ଆଣ୍ଡ ଏମ୍ ବାବଦ ଅର୍ଥ ପରିମାଣ ଯେଉଁ ତ୍ରୈମାସିକ ପାଇଁ ଚିହ୍ନିତ କରାଯାଇଛି ତା'ପରବର୍ତ୍ତୀ ତ୍ରୈମାସର ଶେଷ ସୁଦ୍ଧା ଉକ୍ତ ଅର୍ଥ ପରିମାଣ ନ ଉଠାନ୍ତି ତେବେ ଡିସ୍‌କମ୍‌ସର ଦାବି ସ୍ୱତଃ ରଦ୍ଦ ହୋଇଯିବ ଓ ବିନିଯୋଗ ହୋଇନଥିବା ଅର୍ଥ ପରିମାଣକୁ ପରବର୍ତ୍ତୀ ଅବଧିକୁ ଅଗ୍ରେନୀତ ହେବ ନାହିଁ ।

(iv) ୱେସ୍କୋ, ନେସ୍କୋ ଓ ସାଉଥ୍‌କୋ, ବ୍ୟାଙ୍କ ଦ୍ୱାରା ବିହିତ ଫର୍ମରେ ଲେଟର ଅଫ୍ କ୍ରେଡିଟ୍ ଖୋଲିବେ ଓ ତାହା ଗ୍ରୀଡ୍‌କୋକୁ ଜଣାଇ ଦେବେ ।

(v) ପ୍ରତ୍ୟେକ ମାସରେ ୱେସ୍କୋ, ନେସ୍କୋ ଓ ସାଉଥ୍‌କୋ ନିମ୍ନଲିଖିତ ବିବରଣୀମାନ ଗ୍ରୀଡ୍‌କୋକୁ ଦେବେ :

କ. ଅସୁଲ ହୋଇଥିବା ରାଜସ୍ୱର ପରିମାଣ ।

ଖ. ଏସ୍‌କ୍ରୋ ଆକାଉଣ୍ଟରେ ଜମା କରାଯାଇଥିବା ପରିମାଣ ।

ଗ. ଗ୍ରୀଡ୍‌କୋ, ଓପିଟିସିଏଲ୍, ଏସ୍‌ଏଲ୍‌ଡିସିକୁ ପ୍ରଦତ୍ତ ପରିମାଣ ।

ଘ. କର୍ମଚାରୀମାନଙ୍କ ବାବଦ ବ୍ୟୟ, ଆର ଆଣ୍ଡ ଏମ୍ ବାବଦକୁ ଉଠାଯାଇଥିବା ପରିମାଣ ।

ଙ. ଏସ୍‌ଓଡି ଆକାଉଣ୍ଟରେ ଅଲଗାକରି ରଖାଯାଇଥିବା ପରିମାଣ, ବର୍ଷ ଆରମ୍ଭରେ ଅପରିଶୋଧିତ ପରିମାଣରୁ ଅସୁଲ ହୋଇଥିବା ବକେୟା ପରିମାଣ ଓ ଏସ୍‌କ୍ରୋ ଆକାଉଣ୍ଟରେ ଜମା କରାଯାଇଥିବା ପରିମାଣର ବିବରଣୀ ।

2011-12 ଆର୍ଥିକ ବର୍ଷ ନିମନ୍ତେ ସେସୁ ସମେତ ସମସ୍ତ ଡିସ୍‌କମ୍ ପ୍ରତି ପାରା 518ରେ ଦର୍ଶାଯାଇଥିବା ମତେ ଆୟୋଗଙ୍କ ଉପରୋକ୍ତ ଆଦେଶ ମଧ୍ୟ ପ୍ରଯୁଜ୍ୟ ହେବ ।

**15. ମାଛକୁଣ୍ଡ ବିଦ୍ୟୁତ ଆହରଣ :**

ପ୍ରତିଦିନ ମାଛକୁଣ୍ଡରୁ ଉତ୍ପାଦନ ହେଉଥିବା ବିଦ୍ୟୁତରୁ ଅନ୍ୟୂନ ଶତକଡା 50 ଭାଗ ବିଦ୍ୟୁତ ରାଜ୍ୟ ପାଇଁ ଆହରଣ କରିବା ସକାଶେ ଆୟୋଗ ଚାହୁଁଛନ୍ତି । ମାଛକୁଣ୍ଡରୁ ସର୍ବାଧିକ ବିଦ୍ୟୁତ ଶକ୍ତି ଆହରଣ କାର୍ଯ୍ୟରେ ଗ୍ରୀଡ୍‌କୋ/ ଓପିଟିସିଏଲ୍ ଓ ସାଉଥ୍‌କୋ ସହଯୋଗ କରିବା ଉଚିତ୍ ।


**16. ଏବିଟିର କାର୍ଯ୍ୟକାରିତା :**

ୟୁଆଇର ବାଣିଜ୍ୟିକ ସେଟଲମେଣ୍ଟ ଓ ରିଆକ୍ଟିଭ୍ ଏନର୍ଜି ଆକାଉଣ୍ଟ ସକାଶେ ଆନ୍ତଃ-ରାଜ୍ୟ ଏବିଟି (ଫେଜ୍-I) କାର୍ଯ୍ୟକାରିତା ସମ୍ପର୍କିତ ପ୍ରକୃତ ତାରିଖ ସମ୍ପର୍କରେ ଖୁବ୍‌ଶୀଘ୍ର ଆୟୋଗ ନିଷ୍ପତ୍ତି ଗ୍ରହଣ କରିବେ ।

**17. 2008-09 ରୁ 2011-12 ପର୍ଯ୍ୟନ୍ତ ଗ୍ରୀଡ୍‌କୋର ବାର୍ଷିକ ରାଜସ୍ୱ ଆବଶ୍ୟକତାର ତୁଳନାତ୍ମକ ଚିତ୍ର**

(କୋଟି ଟଙ୍କାରେ)


| | **2011-12** ପାଇଁ ଅନୁମୋଦନ | **2010-11** (ଅନୁମୋଦନ) | **2009-10** (ଅନୁମୋଦନ) | **2008-09** (ଅନୁମୋଦନ) |
|---|---|---|---|---|
| ମୋଟ୍ ଶକ୍ତି କ୍ରୟ ମୂଲ୍ୟ | 4940.30 | 3,666.85 | 2,923.80 | 2,351.76 |
| କର୍ମଚାରୀଙ୍କ ପାଇଁ ବ୍ୟୟ | 4.21 | 4.97 | 3.80 | 3.33 |
| ଏ ଆଣ୍ଡ ଜି ବ୍ୟୟ | 2.83 | 3.41 | 3.03 | 2.41 |
| ଋଣ ବାବଦକୁ ସୁଧ | 326.64 | 194.69 | 101.62 | 127.72 |
| ଇଆରଏଲଡିସି ଫିସ୍ | 1.32 | 1.32 | 1.32 | 1.32 |
| ଅତୀତ ଶକ୍ତି କ୍ରୟ ବାବଦକୁ ଦେୟ ଭରଣା | 8.28 | 4.89 | 89.53 | |
| ପୂର୍ବ କ୍ଷତି ଓ ମୂଳ ଜମା ପରିଶୋଧର ଅଗ୍ରେନୀତକରଣ (carry forward) | 421.78 | 366.31 | | |
| ବକେୟା ଏଫ୍‌ପିଏ ଦେୟ | 311.56 | | | |
| ମୋଟ | **6016.92** | **4,242.44** | **3,123.10** | **2,486.54** |



## 18. 2008-09 ରୁ 2011-12 ପର୍ଯ୍ୟନ୍ତ ଗ୍ରୀଡ୍‌କୋର ଅନୁମୋଦିତ ବାର୍ଷିକ ରାଜସ୍ୱ ଆଦାୟ :

(କୋଟି ଟଙ୍କାରେ)

| | 2011-12 | 2010-11 | 2009-10 | 2008-09 |
|---|---|---|---|---|
| ବିଏସ୍‌ପି ବିଲ୍ ଜରିଆରେ ଡିସ୍‌କମ୍‌ସ୍‌ମାନଙ୍କ ଠାରୁ | 5,206.87 | 3,431.19 | 2,312.11 | 2,152.23 |
| ବିବିଧ ଆୟ | 64.00 | 5.10 | 3.30 | 3.30 |
| ଡିସ୍‌କମ୍‌ସ୍‌ମାନଙ୍କ ଠାରୁ ପୂର୍ବ ଦେୟ | | | 170.00 | 219.83 |
| ବାହାର ରାଜ୍ୟରୁ ପୂର୍ବଦେୟ | | - | - | 16.24 |
| ତଫାତ୍ (ଗ୍ୟାପ୍) | **746.05** | **806.15** | **637.69 (245.16 କୋଟି ଟଙ୍କାର ପରିଶୋଧ ବୋଝ ବ୍ୟତୀତ)** | **94.93 (315.12 କୋଟି ଟଙ୍କାର ପରିଶୋଧ ବୋଝ ବ୍ୟତୀତ)** |
| ମୋଟ୍ | **6,016.92** | **4,242.44** | **3,123.10** | **2,486.53** |




## 19. 2008-09 ରୁ 2011-12 ପର୍ଯ୍ୟନ୍ତ ଆୟୋଗ ଦ୍ୱାରା ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ବିଏସ୍‌ପିର ତୁଳନା

| କ୍ର. ସଂ. | | 2008-09 | 2009-10 | 2010-11 | 2011-12 (ଗ୍ରୀଡ୍‌କୋ ଉପସ୍ଥାପନା) | 2011-12 (ଆକଳନ) |
|---|---|---|---|---|---|---|
| 1 | ମୋଟ ରାଜ୍ୟର ଦାବି (ସିପିପିମାନଙ୍କୁ ଯୋଗାଣ ବ୍ୟତୀତ) | 17,620.00 | 18,921.00 | 20,154.00 | 22,755.20 | 22,477.00 |
| 2 | ମୋଟ ଗ୍ରୀଡ୍‌କୋ କ୍ରୟ (ସରବରାହ ଜନିତ କ୍ଷତି ସମେତ) (ଏମ୍‌ୟୁ) | 18,460.26 | 19,719.38 | 21,003.75 | 23,689.07 | 23,489.18 |
| 3 | ମୋଟ ଗ୍ରୀଡ୍‌କୋ କ୍ରୟ ମୂଲ୍ୟ ପ/ୟୁ | **127.40** | **148.27** | **174.58** | **214.54** | **210.32** |

| କ୍ର. ସଂ. | | 2008-09 | 2009-10 | 2010-11 | 2011-12 (ଗ୍ରୀଡ୍‌କୋ ଉପସ୍ଥାପନା) | 2011-12 (ଆକଳନ) |
|---|---|---|---|---|---|---|
| 4 | ମୋଟ ଗ୍ରୀଡ୍‌କୋ କ୍ରୟ ମୂଲ୍ୟ (କୋଟି ଟଙ୍କାରେ) (କ୍ର.ସଂ.2-3) | 2,351.75 | 2,923.80 | 3,666.85 | 5,082.37 | 4,940.30 |
| | **ଗ୍ରୀଡ୍‌କୋର ପ୍ରତିଷ୍ଠାନ ବ୍ୟୟ (କୋଟି ଟଙ୍କାରେ)** | | | | | |
| 5 | କର୍ମଚାରୀଙ୍କ ପାଇଁ ବ୍ୟୟ | 3.33 | 3.80 | 4.97 | 5.73 | 4.21 |
| 6 | ଏ ଆଣ୍ଡ ଜି ବ୍ୟୟ | 2.41 | 3.03 | 3.41 | 3.97 | 2.83 |
| 7 | ଋଣ ଉପରେ ସୁଧ | 127.72 | 101.62 | 194.69 | 449.89 | 326.64 |
| 8 | ଅନ୍ୟାନ୍ୟ ବ୍ୟୟ (ଇଆରଏଲଡିସି/ଇବିସି ଫିସ୍) | 1.32 | 1.32 | 1.32 | 1.67 | 1.32 |
| 9 | ଆରଓଇ | | - | - | 67.11 | |
| 10 | ଉପ-ମୋଟ | **134.78** | **109.77** | **204.39** | **528.37** | **335.00** |
| 11 | ପୂର୍ବ ଦେୟର ଭରଣା | | 89.53 | 4.89 | 431.00 | 8.28 |
| 12 | 2009-10 ବର୍ଷ ପାଇଁ ଶକ୍ତି କ୍ରୟ ବାବଦ ଭରଣା (ସ୍ୱଳ୍ପ ମିଆଦି ଋଣ ପରିଶୋଧ) | | | 266.39 | 568.38 | 421.78 |
| 13 | ବକେୟା ଏଫପିଏ ଦେୟ | | | | 321.89 | 311.56 |
| 14 | ସ୍ୱଳ୍ପ ମିଆଦି ଋଣ ପରିଶୋଧ | | | 99.92 | | |
| 15 | **ମୋଟ ବ୍ୟୟ (କ୍ର.ସଂ. 11 ରୁ 14)** | **134.78** | **199.30** | **575.59** | **1,849.64** | **1,076.62** |
| 16 | ଊଣା ବିବିଧ ଆୟ | 3.30 | 3.30 | 5.10 | 5.10 | 64.00 |
| 17 | ଊଣା ଡିସ୍‌କମ୍‌ମାନଙ୍କଠାରୁ ଆଦାୟ | 219.83 | 170.00 | | | |
| 18 | ଊଣା ବାହାର ରାଜ୍ୟରୁ ଆଦାୟ | 16.24 | | | | |
| 19 | **ମୋଟ ଗ୍ରୀଡ୍‌କୋର ରାଜସ୍ୱ ଆବଶ୍ୟକତା (କୋଟି ଟଙ୍କାରେ) (କ୍ର.ସଂ.4 + କ୍ର.ସଂ.15 ରୁ 18)** | **2,247.16** | **2,949.80** | **4,237.34** | **6,926.91** | **5,952.92** |
| 20 | ମୂଳ ପରିଶୋଧ | 315.12 | 245.16 | | | |
| 21 | **ନେଟ୍ ଗ୍ରୀଡ୍‌କୋର ରାଜସ୍ୱ ଆବଶ୍ୟକତା (ଦେୟ ପରିଶୋଧ ସମେତ) (କୋଟି ଟଙ୍କାରେ) (କ୍ର.ସଂ.19 + 20)** | **2,562.28** | **3,194.96** | **4,237.34** | **6,926.91** | **5,952.92** |
| 22 | ଅନୁମୋଦିତ ବିଏସ୍‌ପି ହାରରେ ମୋଟ୍ ରାଜସ୍ୱ ଆଦାୟ (କୋଟି ଟଙ୍କାରେ) | 2,152.23 | 2,312.11 | 3,431.19 | | 5,206.87 |
| **23** | **ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଗ୍ୟାପ (କ୍ର.ସଂ.21 - 22)** | **410.05** | **882.85** | **806.16** | | **746.05** |
| 24 | ଗ୍ରୀଡ୍‌କୋର ବକେୟା ଭରଣା ପାଇଁ ଆବଶ୍ୟକ ହାରାହାରି ପର୍ଯ୍ୟାପ୍ତ ଶକ୍ତି ଯୋଗାଣ (ପ/ୟୁ) (କ୍ର.ସଂ.21/ କ୍ର.ସଂ.1*1000) | 145.42 | 168.86 | 210.25 | 304.41 | 264.84 |
| 25 | ହାରାହାରି ଅନୁମୋଦିତ ପର୍ଯ୍ୟାପ୍ତ ଶକ୍ତି ଯୋଗାଣ (ପ/ୟୁ) (କ୍ର.ସଂ.22/ କ୍ର.ସଂ.1*1000) | 122.15 | 122.20 | 170.25 | - | 231.65 |
| **26** | **ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଗ୍ୟାପ (ପ/ୟୁ) (କ୍ର.ସଂ.24 - କ୍ର.ସଂ.25)** | **23.27** | **46.66** | **40.00** | | **33.19** |
| 27 | ବିଏସ୍‌ପି ଓ ଶକ୍ତି କ୍ରୟ ମୂଲ୍ୟ ମଧ୍ୟରେ ଗ୍ୟାପ (ପ/ୟୁ) (କ୍ର.ସଂ.25 - କ୍ର.ସଂ.3) | **-5.25** | **-26.07** | **-4.33** | | **21.33** |

**20.** ପୂର୍ବ ପ୍ରଶୁଳ୍କ (ଟାରିଫ୍) ଆଦେଶନାମାରେ ଆୟୋଗ 2008-09 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମୀକ୍ଷିତ ହିସାବ ଆଧାରରେ ଗ୍ରୀଡ୍କୋର ଏକ ବାସ୍ତବୀକରଣ ଅନୁଶୀଳନ କରିଥିଲେ । ବର୍ତ୍ତମାନ 2009-10 ଆର୍ଥିକ ବର୍ଷର ସମୀକ୍ଷିତ ହିସାବ ମିଳିସାରିଛି । ନିମ୍ନ ଟେବୁଲରେ 2009-10 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏକ ବାସ୍ତବତା ଭିତ୍ତିକ ଅନୁଶୀଳନ ପ୍ରଦତ୍ତ କରାଯାଉଛି :-

**(କୋଟି ଟଙ୍କାରେ)**

| ଆର୍ଥିକ ବର୍ଷ | ରାଜସ୍ୱ ଆବଶ୍ୟକତାରେ ଗ୍ୟାପ୍ | ବିଦ୍ୟୁତ ବିକ୍ରୟ ଲବ୍ଧ ରାଜସ୍ୱରେ ଗ୍ୟାପ୍ | ମୋଟ ଗ୍ୟାପ (ଆର୍ଥିକ ବର୍ଷର) | ମିଶାଣ : ଆୟୋଗଙ୍କ ଦ୍ୱାରା ଅନୁମତିପ୍ରାପ୍ତ ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଗ୍ୟାପ୍ | ବାସ୍ତବୀକରଣ ନିମିତ୍ତ ବିଚାରକୁ ନିଆଯାଇଥିବା ଗ୍ୟାପ୍ | କ୍ରମବର୍ଦ୍ଧିଷ୍ଣୁ ଗ୍ୟାପ୍ **(+/-)** |
|---|---|---|---|---|---|---|
| **1996-97** | | | | | | -295.00 |
| **1997-98** | -310.15 | 5.86 | -304.29 | 0.68 | -303.61 | -598.61 |
| **1998-99** | -236.10 | -420.39 | -656.49 | 0.19 | -656.30 | -1254.91 |
| **1999-00** | -230.33 | 244.14 | 13.81 | -30.91 | -17.10 | -1272.01 |
| **2000-01** | -359.42 | 194.43 | -164.99 | 0 | -164.99 | -1437.00 |
| **2001-02** | 13.74 | 65.61 | 79.35 | 43.59 | 122.94 | -1314.06 |
| **2002-03** | -297.86 | -264.11 | -561.97 | 0 | -561.97 | -1876.03 |
| **2003-04** | -79.79 | 586.13 | 506.34 | 0 | 506.34 | -1369.69 |
| **2004-05** | -73.19 | 322.13 | 248.94 | 217.35 | 466.29 | -903.40 |
| **2005-06** | -403.92 | 384.32 | -19.60 | 15.72 | -3.88 | -907.28 |
| **2006-07** | -175.47 | 723.02 | 547.55 | -504.52 | 43.03 | -864.25 |
| **2007-08** | 149.93 | 902.41 | 1052.34 | -464.86 | 587.48 | -276.77 |
| **2008-09** | -410.14 | 938.76 | 528.62 | -410.05 | 118.57 | -158.20 |
| **2009-10** | **-1006.67** | **348.83** | **-657.84** | **-882.85** | **-1540.69** | **-1698.89** |

- ବାସ୍ତବତାଭିତ୍ତିକ ଅନୁଶୀଳନୀବେଳେ ନିମ୍ନଲିଖିତ ନୀତିମାନ ଗୃହୀତ ହୋଇଛି, ସେଗୁଡ଼ିକ ହେଲା :-

(କ) ବାସ୍ତବତା ଆଧାରରେ ବିଦ୍ୟୁତ କ୍ରୟ ବ୍ୟୟ ଅନୁମୋଦିତ ।

(ଖ) ବାସ୍ତବତା ଆଧାରରେ କର୍ମଚାରୀ ବ୍ୟୟ ଅନୁମୋଦିତ ।

(ଗ) ବାସ୍ତବତା ଆଧାରରେ ଆର୍ ଆଣ୍ଡ ଏମ୍ ବ୍ୟୟ ଅନୁମୋଦିତ ।

(ଘ) ବାସ୍ତବତା ଆଧାରରେ ଏ ଆଣ୍ଡ ଜି ବ୍ୟୟ ଅନୁମୋଦିତ । ଅବଶ୍ୟ ଏହା ବର୍ଷିକ ରାଜସ୍ୱ ଆବଶ୍ୟକତାରେ ନିର୍ଦ୍ଧାରିତ ସୀମା ମଧ୍ୟରେ ସୀମିତ ।

(ଙ) ବାସ୍ତବତା ଆଧାରରେ ଋଣ ଉପରେ ସୁଧ ଅନୁମୋଦିତ (ରାଜ୍ୟ ସରକାରଙ୍କଠାରୁ ଆନୀତ ଋଣ ଉପରେ ସୁଧ ବ୍ୟତୀତ) ।

(ଚ) ବାସ୍ତବତା ଆଧାରରେ 2000-01 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅବମୂଲ୍ୟାୟନ ଅନୁମୋଦିତ । 2001-02 ବର୍ଷଠାରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଅବମୂଲ୍ୟାୟନ ଗଣନା କରାଯିବ; ଅର୍ଥାତ୍ ସମ୍ପତ୍ତିର ପ୍ରାକ୍-ପୁନଃ ମୂଲ୍ୟ ନିର୍ଦ୍ଧାରଣ ଏବଂ ଭାରତ ସରକାରଙ୍କ ଦ୍ୱାରା ବିଜ୍ଞାପିତ ପ୍ରାକ୍-1992 ଦର ଅନୁସାରେ ଗଣନା କରାଯିବ ।

(ଛ) 2006-07 ଆର୍ଥିକ ବର୍ଷର ସମୀକ୍ଷିତ ହିସାବରେ ଦର୍ଶାଯାଇଥିବା ଓ୍ୱେସ୍କୋ, ନେସ୍କୋ ଓ ସାଉଥ୍‌କୋ ଦ୍ୱାରା 400 କୋଟି ଟଙ୍କାର ବଣ୍ଡ ମୂଲ୍ୟ ଉପରେ ପଇଠ କରିବାକୁ ଥିବା ସୁଧକୁ ହିସାବକୁ ନିଆଯାଇ ନାହିଁ; କାରଣ ଏହା ନ୍ୟାୟାଳୟର ବିଚାରାଧୀନ ରହିଛି ।

- ସେ ଯାହାହେଉ, ବାସ୍ତବରେ ନିମ୍ନଲିଖିତ କାରଣ ଯୋଗୁଁ ଏହି ତଫାତ୍ (ଗ୍ୟାପ) ଆହୁରି ବଢ଼ିବ । ଗ୍ରୀଡ୍‌କୋକୁ ଡିସ୍‌କମ୍‌ମାନଙ୍କର ବକେୟା ପ୍ରଦାନକୁ ବିଚାରକୁ ନେଇ ରାଜସ୍ୱ ଆବଶ୍ୟକତା ତଥା ଗ୍ରୀଡ୍‌କୋର ବିଏସ୍‌ପି ନିର୍ଦ୍ଧାରିତ ହୋଇଥିଲା, ଯାହା ବର୍ଷର ଶେଷ ବେଳକୁ ମଧ୍ୟ ସମ୍ପୂର୍ଣ୍ଣତଃ କାର୍ଯ୍ୟକାରୀ ହୋଇନାହିଁ ।

## 21. ଡିସ୍‌କମ୍‌ସଠାରୁ ପ୍ରାପ୍ତବ୍ୟ (ରିସିଭେବୁଲ୍) :

- ତା.20.3.2010ରିଖ (ପାରା ସଂ.486)ରେ ଆୟୋଗଙ୍କ ବିଏସ୍‌ପି ଆଦେଶରେ ନିର୍ଦ୍ଦେଶ ଦିଆଯାଇଥିବାମତେ ଡିସ୍‌କମ୍‌ସ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବକେୟା ଦେୟ ବାବଦକୁ କୌଣସି ଅର୍ଥ ପ୍ରଦାନ କରିନାହାଁନ୍ତି ବୋଲି ଗ୍ରୀଡ୍‌କୋ ତାହାର ଫାଇଲିଂରେ ଦର୍ଶାଇଛି । ଡିସ୍‌କମ୍‌ସଦ୍ୱାରା ଗ୍ରୀଡ୍‌କୋକୁ ବକେୟା ଅର୍ଥ ପ୍ରଦାନ କରିବାକୁ ବିଭିନ୍ନ ଟାରିଫ୍ ଆଦେଶରେ ମଧ୍ୟ ଆୟୋଗ ଡିସ୍‌କମ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ସମସ୍ତ ଡିସ୍‌କମ୍ ସଂସ୍ଥା ତାହା ପାଳନ କରିନାହାନ୍ତି । ଯେହେତୁ ଉକ୍ତ ଅର୍ଥ ପରିମାଣକୁ ଗ୍ରୀଡ୍‌କୋର ବାର୍ଷିକରାଜସ୍ୱ ଆବଶ୍ୟକତା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲେ ହେଁ ଡିସ୍‌କମ୍‌ମାନଙ୍କ ଦ୍ୱାରା ତାହା ପ୍ରଦାନ କରାଯାଇନଥିବାରୁ ଗ୍ରୀଡ୍‌କୋର ଆର୍ଥିକ ବ୍ୟବସ୍ଥା ପ୍ରଭାବିତ ହୋଇଛି । ଗ୍ରୀଡ୍‌କୋ ଦ୍ୱାରା ଯାହା ଫାଇଲିଂ କରାଯାଇଛି ତାହା ନିମ୍ନୋକ୍ତ ଟେବୁଲରେ ଡିସ୍‌କମ୍‌ମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରକୃତ ପରିମାଣ ତୁଳନାରେ ବିଭିନ୍ନ ବର୍ଷର ବାର୍ଷିକ ରାଜସ୍ୱ ଆବଶ୍ୟକତାରେ ଅନୁମୋଦିତ ବକେୟା ଅର୍ଥ ପରିମାଣର ସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

| | | ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ | ମୋଟ |
|---|---|---|---|---|---|---|
| କ. | ଆୟୋଗଙ୍କ ଦ୍ୱାରା ଅନୁମୋଦିତ ପରିମାଣ | | | | | |
| | 2006-07 | 36.83 | 41.36 | 31.91 | - | 110.10 |
| | 2007-08 | 36.83 | 41.36 | 31.91 | 43.23 | 153.33 |
| | 2008-09 | 36.83 | 65.00 | - | 118.00 | 219.83 |
| | 2009-10 | 0.00 | 0.00 | 19.00 | 151.00 | 170.00 |
| | **ମୋଟ:** | **110.49** | **147.72** | **82.82** | **312.23** | **653.26** |
| ଖ. | ଡିସ୍‌କମ୍‌ମାନଙ୍କ ଦ୍ୱାରା ପ୍ରଦତ୍ତ ପରିମାଣ | | | | | |
| | 2006-07 | 52.00 | 59.84 | - | - | 111.84 |
| | 2007-08 | 4.40 | 57.58 | 9.53 | - | 71.51 |
| | 2008-09 | - | 80.72 | 5.86 | 32.47 | 119.05 |
| | 2009-10 | 2.00 | 0.00 | 9.69 | 80.50 | 92.19 |
| | **ମୋଟ :** | **58.40** | **198.14** | **25.08** | **112.97** | **394.59** |
| | ଖିଲାପ (ଖ-କ) | (-)52.09 | .+50.42 | (-)57.74 | (-)199.26 | (-)258.67 |

- ଏ ସମ୍ପର୍କରେ ଆୟୋଗ ଲକ୍ଷ୍ୟ କରିଛନ୍ତି ଯେ ଅପରିଶୋଧିତ ଦେୟର ସୁରକ୍ଷାକରଣ ସମ୍ବନ୍ଧରେ ଆୟୋଗ ତାହାଙ୍କ ତା20.7.2006ର ବ୍ୟବସାୟ ଯୋଜନା ଆଦେଶ ତଥା ତା01.12.2008ର ସୁରକ୍ଷାକରଣ ଆଦେଶରେ ତା31.3.2005 ସୁଦ୍ଧା ସୁରକ୍ଷାକରଣ ପରିମାଣ ଚୂଡାନ୍ତ କରିଛନ୍ତି ।

- ତା01.12.2008ର ଆୟୋଗଙ୍କ ସୁରକ୍ଷାକରଣ ଆଦେଶରେ ତା31.3.2005 ସୁଦ୍ଧା ନିମ୍ନଲିଖିତ ପରିମାଣକୁ ଚୂଡାନ୍ତ କରାଯାଇଛି । ଉକ୍ତ ପରିମାଣ ଆର୍ଥିକ ବର୍ଷ 2006-07ରୁ ଆରମ୍ଭ ହୋଇ 2015-16ରେ ଶେଷ ହେଉଥିବା ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ଡିସ୍‌କମ୍‌ସରୁ ଗ୍ରୀଡ୍‌କୋକୁ ସର୍ବାଧିକ 120 ଗୋଟି ସମାନ ମାସିକ କିସ୍ତିରେ ଭରଣା କରାଯିବ । ତାହା ନିମ୍ନ ଟେବୁଲରେ ଦର୍ଶାଯାଇଛି :-

**(କୋଟି ଟଙ୍କାରେ)**

| **କ. ଋଣ ଅବଶେଷ** | ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ |
|---|---|---|---|---|
| ମୂଳଧନ | 138.46 | 94.64 | 134.36 | 307.61 |
| ସୁଧ | 60.31 | 41.05 | 58.43 | 162.86 |
| ଉପ-ମୋଟ (କ) | 198.77 | 135.69 | 192.79 | 470.47 |
| **ଖ. ଡିପିଏସ୍‌ଠାରେ ଅପରିଶୋଧିତ ବିଏସ୍‌ଟି ଦେୟ** | | | | |
| 01.04.99 ସୁଦ୍ଧା ପ୍ରାରମ୍ଭିକ ଅବଶେଷ | 46.18 | 41.66 | 26.50 | 80.16 |
| 01.04.99 ଠାରୁ 31.03.05 ପର୍ଯ୍ୟନ୍ତ ବକେୟା | 118.41 | 194.83 | 47.19 | 605.20 |
| ଉପରୋକ୍ତ ମତେ ଡିପିଏସ୍ | 58.72 | 87.20 | 32.02 | 526.41 |
| ଉପ-ମୋଟ (ଖ) | 223.31 | 323.69 | 105.71 | 1211.77 |
| ଗାଏ ମୋଟ (କ+ଖ) | **422.08** | **459.38** | **298.50** | **1682.24** |

➢ 2006-07 ବର୍ଷ ଠାରୁ 2009-10 ବର୍ଷ ପର୍ଯ୍ୟନ୍ତ ଆୟୋଗ, ତାହାଙ୍କ ଆରଏସ୍‌ଟି ଆଦେଶରେ ଚଳିତ (କରେଣ୍ଟ) ବିଏସ୍‌ଟି ବିଲ୍‌ଗୁଡ଼ିକର ପରିମାଣ ଧାର୍ଯ୍ୟ କରିଛନ୍ତି ଯାହାକି ସୁରକ୍ଷାକରଣ ବାବଦ ବିଏସ୍‌ଟି ଦେୟ ମାଧ୍ୟମରେ ଆଡଜଷ୍ଟ କରାଯିବ । ଯେହେତୁ ସୁରକ୍ଷାକରଣ ସମ୍ବନ୍ଧୀୟ ଆର୍ଥିକ ବର୍ଷ 2006-07ରୁ ଆରମ୍ଭ ହେଉଛି ସୁତରାଂ 2005-06 ବର୍ଷ ମଧ୍ୟରେ ଓ ତା'ପୂର୍ବରୁ ଶତକଡା 100 ଭାଗ ବିଏସ୍‌ଟି ବିଲ୍ ପରେ ଡିସ୍କମ୍‌ମାନଙ୍କ ଦ୍ୱାରା ପ୍ରଦତ୍ତ ଯେ କୌଣସି ଅଧିକ ପରିମାଣ, ଏନ୍‌ଟିପିସି ବନ୍ଧପତ୍ର (ବଣ୍ଡ)ର ମୂଳଧନ ଓ ସୁଧ ବାବଦକୁ ସମ୍ପୂର୍ଣ୍ଣରୂପେ ଆଡଜଷ୍ଟ କରାଯିବ । 2006-07ଠାରୁ 2009-10 ପର୍ଯ୍ୟନ୍ତ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା ପରିମାଣ ଓ ଚଳିତ (କରେଣ୍ଟ) ବିଲ୍‌ର ଶତକଡା 100 ଭାଗ ଉପରେ ଲାଇସେନ୍ସଧାରୀଙ୍କ ଦ୍ୱାରା ପ୍ରଦତ୍ତ ପରିମାଣ, ସୁରକ୍ଷାକରଣ ପରିମାଣ ବାବଦ ଆଡଜଷ୍ଟମେଣ୍ଟ, ଏନ୍‌ଟିପିସି ବନ୍ଧପତ୍ର ବାବଦ ଆଡଜଷ୍ଟମେଣ୍ଟ ଓ ବଳକା ଖିଲାପ ପରିମାଣର ଏକ ବିବରଣୀ ପ୍ରସ୍ତୁତ କରାଯାଇ ତାହା ନିମ୍ନ ଟେବୁଲରେ ଦର୍ଶାଯାଇଛି ।

| | | ୱେସ୍କୋ | ନେସ୍କୋ | ସାଉଥ୍‌କୋ | ସେସୁ | ମୋଟ |
|---|---|---|---|---|---|---|
| କ. | ଆୟୋଗଙ୍କ ଦ୍ୱାରା ଅନୁମୋଦିତ ପରିମାଣ | | | | | |
| | 2006-07 | 36.83 | 41.36 | 31.91 | - | 110.10 |
| | 2007-08 | 36.83 | 41.36 | 31.91 | 43.23 | 153.33 |
| | 2008-09 | 36.83 | 65.00 | - | 118.00 | 219.83 |
| | 2009-10 | 0.00 | 0.00 | 19.00 | 151.00 | 170.00 |
| | ମୋଟ**:** | **110.49** | **147.72** | **82.82** | **312.23** | **653.26** |
| ଖ. | ଡିସ୍କମ୍‌ସ ଦ୍ୱାରା ପ୍ରଦତ୍ତ ପରିମାଣ (ଗ+ଘ) | | | | | |
| | 2006-07 | 52.00 | 59.84 | - | - | 111.84 |
| | 2007-08 | 4.40 | 57.58 | 9.53 | - | 71.51 |
| | 2008-09 | - | 80.72 | 5.86 | 32.47 | 119.05 |
| | 2009-10 | 2.00 | 0.00 | 9.69 | 80.50 | 92.19 |
| | ମୋଟ**:** | **58.40** | **198.14** | **25.08** | **112.97** | **394.59** |
| ଗ. | ସୁରକ୍ଷାକରଣ ଦେୟ ବାବଦକୁ ଆଡଜଷ୍ଟ ହେବାକୁଥିବା ପରିମାଣ | | | | | |
| | 2006-07 | 36.83 | 41.36 | - | - | 78.19 |
| | 2007-08 | 4.40 | 41.36 | 9.53 | - | 55.29 |
| | 2008-09 | - | 65.00 | 5.86 | 32.47 | 103.33 |
| | 2009-10 | 2.00 | - | 9.69 | 80.50 | 92.19 |
| | ମୋଟ | 43.23 | 147.72 | 25.08 | 112.97 | 329.00 |
| ଘ. | ଏନ୍‌ଟିପିସି ବନ୍ଧପତ୍ର ବାବଦକୁ ଆଡଜଷ୍ଟ ହେବାକୁ ଥିବା ପରିମାଣ | | | | | |
| | 2006-07 | **15.17** | **18.48** | **-** | **-** | **33.65** |
| | 2007-08 | **-** | **16.22** | **-** | **-** | **16.22** |

| | | ୱେସ୍କୋ | ନେସ୍କୋ | ସାଉଥ୍କୋ | ସେସୁ | ମୋଟ |
|---|---|---|---|---|---|---|
| | 2008-09 | **-** | **15.72** | **-** | **-** | **15.72** |
| | 2009-10 | **-** | **-** | **-** | **-** | **-** |
| | ମୋଟ | **15.17** | **50.42** | **-** | **-** | **65.59** |
| ଙ. | ସୁରକ୍ଷାକରଣ ପରିମାଣରେ ଖିଲାପ (କ-ଗ) | | | | | |
| | **2006-07** | **0.00** | **0.00** | **31.91** | **0.00** | **31.91** |
| | **2007-08** | **32.43** | **0.00** | **22.38** | **43.23** | **98.04** |
| | **2008-09** | **36.83** | **0.00** | **(-) 5.86** | **85.53** | **116.50** |
| | **2009-10** | **(-) 2.00** | **0.00** | **9.31** | **70.50** | **77.81** |
| | ମୋଟ | **67.26** | **0.00** | **57.74** | **199.26** | **324.26** |

- ଉପରୋକ୍ତ ଟେବୁଲରୁ ପ୍ରତୀତ ହେଉଛି ଯେ କେବଳ ନେସ୍କୋ ବ୍ୟତୀତ ଅନ୍ୟ ତିନିଗୋଟି ଡିସ୍କମ୍ସ ବିଭିନ୍ନ ବର୍ଷର ଟାରିଫ୍ ଆଦେଶରେ ଉଲ୍ଲିଖିତ ଅପରିଶୋଧିତ ଦେୟ ପ୍ରଦାନରେ ଆୟୋଗଙ୍କ ନିର୍ଦ୍ଦେଶକୁ ଅନୁପାଳନ କରିନାହାଁନ୍ତି । ବିଭିନ୍ନ ଟାରିଫ୍ ଆଦେଶରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଏହି ଅପରିଶୋଧିତ ପରିମାଣ, ତା01.12.2008ର ସୁରକ୍ଷାକରଣ ଆଦେଶର ପାରା 20ରେ ଉଲ୍ଲିଖିତ ମୋଟ ଅପରିଶୋଧିତ ଦେୟ ବାବଦକୁ ଆଡଜଷ୍ଟ କରାଯିବ । ତେଣୁ ଖିଲାପକାରୀ ଡିସ୍କମ୍‌ମାନେ ଅପରିଶୋଧିତ ବକେୟା ଦେୟର ପ୍ରଦାନକୁ ସୁନିଶ୍ଚିତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି ଯାହାକି 2011-12 ସମାପ୍ତି ସୁଦ୍ଧା ବିଭିନ୍ନ ବର୍ଷରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଯେଉଁ ପରିମାଣ କମ୍ତି ହେଉଛି ତାହାକୁ ତା 01.4.2010 ଓ 01.4.2011 ସୁଦ୍ଧା ଅସୁଲ କରିବା ସକାଶେ ସୁସଙ୍ଗତ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।
- ପୂର୍ବୋକ୍ତ ଟେବୁଲରେ ଉଲ୍ଲିଖିତ ହୋଇଥିବାମତେ ଡିସ୍କମ୍ସ ଦ୍ୱାରା ପ୍ରଦତ୍ତ ପରିମାଣ ବ୍ୟତୀତ ଗ୍ରୀଡ୍କୋ ଦ୍ୱାରା ସଂଗଣନା କରିଯାଇଥିବା ମତେ 2007-08ରେ ନିମ୍ନୋକ୍ତ ପରିମାଣ ବିଏସ୍‌ଟିରେ ନିମ୍ନଗାମୀ ସଂଶୋଧନ ପ୍ରକ୍ରିୟା ଆଣିଛି ଯାହାକି ସୁରକ୍ଷାକରଣ ଦେୟ ବାବଦକୁ ଆଡଜଷ୍ଟ ହେବ ।

**(କୋଟି ଟଙ୍କାରେ)**

| | |
|---|---|
| ୱେସ୍କୋ | 88.31 |
| ନେସ୍କୋ | 3.32 |
| ସାଉଥ୍କୋ | 11.07 |
| ସେସୁ | 93.37 |
| ମୋଟ | **196.07** |

➢ ଉପରୋକ୍ତ ପରିମାଣକୁ ହିସାବକୁ ନିଆଯାଇ ତା01.02.2008ରିଖର ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଙ୍କ ଆଦେଶ ଅନୁସାରେ ଦେୟ ଓ ତା31.3.2010 ପର୍ଯ୍ୟନ୍ତ କରାଯାଇଥିବା ଅର୍ଥ ପ୍ରଦାନ ଓ ଆଡଜଷ୍ଟମେଣ୍ଟ ଏବଂ ତା.31.3.2010 ସୁଦ୍ଧା ବଳକା ପରିମାଣରୁ ଅପରିଶୋଧିତ ହୋଇରହିଥିବା ପରିମାଣ ଦର୍ଶାଉଥିବା ଏକ ଟେବୁଲରେ ନିମ୍ନରେ ଦର୍ଶାଯାଇଛି :-

| କ୍ର. ସଂ. | ସବିଶେଷ ବିବରଣୀ | ଓ୍ୱେସ୍କୋ | ନେସ୍କୋ | ସାଉଥ୍କୋ | ଆରଇଏଲ୍ ମୋଟ | ସେସୁ | ଗାଏ ମୋଟ |
|---|---|---|---|---|---|---|---|
| **1.** | ବିଏସ୍‌ଟି | | | | | | |
| | ଓବି ତା. 01.4.1999 | 46.18 | 41.66 | 26.50 | **114.34** | 80.16 | **194.50** |
| | 01.4.1999 ଠାରୁ 31.3.2005 ପର୍ଯ୍ୟନ୍ତ | 118.41 | 194.83 | 47.19 | **360.43** | 605.20 | **965.63** |
| | ଉପମୋଟ | **164.59** | **236.49** | **73.69** | **474.77** | **685.36** | **1160.13** |
| **2.** | ଉପରମତେ ଡିପିଏସ୍ | **58.72** | **87.20** | **32.02** | **177.94** | **526.41** | **704.35** |
| **3.** | ଋଣ | | | | | | |
| | ମୂଳଧନ | 138.46 | 94.64 | 134.36 | **367.46** | 307.61 | **675.07** |
| | ସୁଧ | 60.31 | 41.05 | 58.43 | **159.79** | 162.86 | **322.65** |
| | ଉପ-ମୋଟ | **198.77** | **135.69** | **192.79** | **527.25** | **470.47** | **997.72** |
| **4.** | **01.12.2008** ତାରିଖର ଓଇଆରସିର ଆଦେଶ ଦ୍ୱାରା **31.3.2005** ତାରିଖ ସୁଦ୍ଧା ଅପରିଶୋଧିତ ପରିମାଣ **(1+2+3)** | **422.08** | **459.38** | **298.50** | **1179.96** | **1682.24** | **2862.20** |
| **5.** | ସୁରକ୍ଷାକରଣ ଦେୟ ବାବଦକୁ ଆଡଜଷ୍ଟ ହୋଇଥିବା 2007-08ରେ ବିଏସ୍‌ଟିର ନିମ୍ନଗାମୀ ସଂଶୋଧନ | 88.31 | 3.32 | 11.07 | 102.7 | 93.37 | 196.07 |
| **6.** | ଡିସ୍‌କମ୍‌ମାନଙ୍କ ଦ୍ୱାରା ଦିଆଯାଉଥିବା ଚଳିତ ବିଏସ୍‌ଟି ଦେୟ ସହିତ 2006-07 ରୁ 2009-10 ପର୍ଯ୍ୟନ୍ତ | 43.23 | 147.72 | 25.08 | 216.03 | 112.97 | 329.00 |
| **(i)** | 2006-07 | 36.83 | 41.36 | - | 78.19 | - | 78.19 |
| **(ii)** | 2007-08 | 4.40 | 41.36 | 9.53 | 55.29 | - | 55.29 |
| **(iii)** | 2008-09 | - | 65.00 | 5.86 | 70.86 | 32.47 | 103.33 |
| **(iv)** | 2009-10 | 2.00 | - | 9.69 | 11.69 | 80.50 | 92.19 |
| **7.** | ଉପ-ମୋଟ **(5 +6)** | **131.54** | **151.04** | **36.15** | **318.73** | **206.34** | **525.07** |
| **8.** | ଅବଶେଷ **(4-7)** | **290.54** | **308.34** | **262.35** | **861.23** | **1475.90** | **2337.13** |

- ସୁତରାଂ ଆୟୋଗ ପୁନର୍ବାର ଆଦେଶ ଦେଇଛନ୍ତି ଯେ 31.3.2005 ତାରିଖ ସୁଦ୍ଧା ଗ୍ରୀଡ୍‌କୋର ପାଇବାକୁ ଥିବା ବିଦ୍ୟୁତର ସୁରକ୍ଷା ସମ୍ପର୍କରେ 01.12.2008 ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ଡିସ୍‌କମ୍‌ସ ଦ୍ୱାରା କଡାକଡିଭାବେ ପାଳନ କରାଯିବ ।
- ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ସିଏ ନଂ 759/2007ରେ ରାୟ ଘୋଷଣା ପରେ ଓ ଇଣ୍ଟର ମିନିଷ୍ଟ୍ରିଆଲ କମିଟିଙ୍କ ସୁପାରିସ୍‌କୁ ଆଧାର କରି ଏନ୍‌ଟିପିସି ବନ୍ଧପତ୍ରର ସାନି-ସୁରକ୍ଷା ସଂକ୍ରାନ୍ତରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ।

**22. ଅନୁମୋଦିତ ବିଦ୍ୟୁତ କ୍ରୟ ତୁଳନାରେ ପ୍ରକୃତ ଆୟ ବା ବ୍ୟୟ :**

2009-10 ଓ 2010-11 (ଡିସେମ୍ବର, 2011 ପର୍ଯ୍ୟନ୍ତ) ବର୍ଷ ନିମନ୍ତେ ବିଦ୍ୟୁତ କ୍ରୟ ନିମନ୍ତେ ଅନୁମୋଦିତ ପରିମାଣ ତୁଳନାରେ ପ୍ରକୃତ ଆୟ ବା ବ୍ୟୟ ତଥା 2011-12 ନିମନ୍ତେ ଅନୁମୋଦନର ରେଡି ରେଫରେନ୍ସ ଲାଗି ତାହା ଏହା ସହିତ ସଂଲଗ୍ନ କରାଯାଇଛି ।